## ସାର୍ବଜନୀନ ଗ୍ରନ୍ଥାଗାରର ସମ୍ବର୍ଦ୍ଧନା ସଭା

ସମ୍ବଲପୁର (ବ୍ୟୁରୋ): ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ପକ୍ଷରୁ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଏଥିରେ ଅଧକ୍ଷତା କରିଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁଙ୍କୁ ପ୍ରଶାସନିକ ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ମାନପତ୍ର ପାଠ କରିଥିବା ବେଳେ ପ୍ରଫୁଲ୍ଲ କୁମାର ହୋତା ଉତ୍ତରୀୟ ପ୍ରଦାନ କରିଥିଲେ। ସଭ୍ୟସଚିବ ରଘୁନାଥ ମିଶ୍ର ସୂଚନା ପ୍ରଦାନ ଓ ପ୍ରଫେସର ଶଙ୍କର ପ୍ରସାଦ ପତି ପ୍ରାରମ୍ଭିକ ଭାଷଣ ଦେଇଥିଲେ।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଜବତ

ରାଜଗାଙ୍ଗପୁର, ୨୮।୧ (ଡି.ଏନ.ଏ): ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ପୋଡସିଂ ଗ୍ରାମରୁ ନିଖୋଜ ଥିବା ଯୁବକଙ୍କ ମୃତଶରୀର ଗୁରୁବାର ପୋଲିସ ଦ୍ୱାରା ଉଦ୍ଧାର କରାଯାଇଛି। ପୋଡସିଂ ନିବାସୀ ଇସରାମ ହେମରମ୍ (୩୦) ଶନିବାର ରାତିରୁ ଘରୁ ବାହାରିଥିଲେ ଓ ଘରକୁ ଫେରି ନଥିଲେ। ଘର ଲୋକ ଖୋଜାଖୋଜି କରି ନ ପାଇବାରୁ ରାଜଗାଙ୍ଗପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଗୁରୁବାର ସକାଳୁ ଉକ୍ତ ନିଖୋଜ ବ୍ୟକ୍ତିଙ୍କ ମୃତ ଶରୀର ପୋଡସିଂ ଗ୍ରାମ ନଦୀ ଧୋବାତୁଠରେ ଭାସୁଥିବାର ଦେଖି କିଛି ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ବାହାର କରିବା ପରେ ତାହା ସେହି ନିଖୋଜ ହୋଇଥିବା ଯୁବକ ବୋଲି ଜଣାପଡିଥିଲା।

### କୁତ୍ରାରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

କୁତ୍ରା, ୨୮।୧ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ୧୦ନମ୍ବର ରାଜ୍ୟ ରାଜପଥ କଡରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଏକ କାର୍ଯ୍ୟକ୍ରମ ହୋଇଥିଲା। ସୁନ୍ଦରଗଡ ଏସପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଜିଲା ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ମାଧମରେ ଲୋକଙ୍କୁ ସଚେତନ ସହ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନାଚ ଗୀତ ଓ ବାଦ୍ୟଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ହେଲମେଟ ବ୍ୟବହାର, ଟ୍ରାଫିକ ନିୟମ ପାଳନ, ଗାଡି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନ କରିବା ଓ ମଦ୍ୟପାନ କରି ଗାଡି ନ ଚଳାଇବା ଭଳି ଅନେକ ନିୟମ ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପୋଲିସ ଦ୍ୱାରା ସଡକ ସୁରକ୍ଷା ଉପରେ ଏକ ଛୋଟ ନାଟକ ପରିବେଷଣ କରାଯାଇଥିଲା । ପୋଷ୍ଟର ଦେଇ ଲୋକଙ୍କୁ ସଚେତନ କରାଯାଇଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ରାଜଗାଙ୍ଗପୁର, ୨୮।୧ (ଡି.ଏନ.ଏ): ରାଜଗାଙ୍ଗପୁର ସହରର ୱାର୍ଡ ନଂ. ୨ ସଙ୍ଗମ ମାର୍ଗର ଏକ ଭଡା ଘରୁ ପୋଲିସ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି । ସେ ହେଲେ ଅମର କିଶୋର କୁମାର (୨୮), ପିତା- ରାମଜୀ ଶର୍ମା। ତାଙ୍କ ଘର ଝାଡଖଣ୍ଡରେ। ଏଠାରେ ରହି ଜୋତା ଚପଲ ବିଭିନ୍ନ ଜାଗାରେ ବିକ୍ରି କରୁଥିଲେ। ଗୁରୁବାର ତାଙ୍କର ଝୁଲନ୍ତା ମୃତଦେହ ମିଳିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ।

### ଆର୍‌ଏସ୍‌ପି ଷ୍ଟିଲ ମେଲଟିଂ ଶପ୍-୨ ବିଭାଗର ରେକର୍ଡ



ରାଉରକେଲା ଅଫିସ,୨୮।୧: ରାଉରକେଲା ଇସ୍ପାତ କାରଖାନା ଷ୍ଟିଲ ମେଲଟିଂ ଶପ୍-୨ ବିଭାଗ ଏହାର ସଫଳତା ଧାରାକୁ ବଜାଇ ରଖିଛି। ବିଭାଗର କାଷ୍ଟର-୨ ରୁ କ୍ରମାଗତ ଭାବେ ୧୯୩ଟି ହିଟ କାଷ୍ଟିଙ୍ଗ୍ ସମ୍ପନ୍ନ କରି ରେକର୍ଡ଼ ସିକ୍ୱେନ୍ସ ଲାଇଫ ହାସଲ କରିଛି। ବିଭାଗର ବହୁ ବର୍ଷପୂର୍ବେ ୨୦୧୦ ଜାନୁୟାରୀ ମାସରେ ହାସଲ କରିଥିବା ୧୮୪ କ୍ରମାଗତ କାଷ୍ଟିଙ୍ଗରେକର୍ଡ଼କୁ ଅତିକ୍ରମ କରିଛି। ଏହି ରେକର୍ଡ଼ ପ୍ରଦର୍ଶନ ମଧ୍ୟରେ ଉକ୍ତ କାଷ୍ଟର ଏକସଙ୍ଗରେ ୮ ଦିନ ୨୦ ଘଣ୍ଟା ୪୫ ମିନିଟ୍ ଧରି ଚାଲିଥିଲା। ପ୍ରାୟ ୨୪ କି.ମି ସ୍ଲାବ କାଷ୍ଟିଙ୍ଗ୍ ସମ୍ପନ୍ନ କରିଥିଲା। ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ଏସ୍‌ଏମ୍‌ଏସ୍-୨ ଓ ଅନ୍ୟ ସହଯୋଗୀ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଧାରାକୁ ଆଗାମୀ ଦିନରେ ବଜାଇ ରଖିବାକୁ ଆହ୍ୱାନ ଦେଇଛନ୍ତି। ଏସ୍‌ଏମ୍‌ଏସ୍-୨ ବିଭାଗ ଦ୍ୱାରା ୨୦୨୦ ଡିସେମ୍ବର ମାସରେ ସର୍ବକାଳୀନ ଶ୍ରେଷ୍ଠ କାଳୀନ ପ୍ରଦର୍ଶନ ପରେ ଏହି ସଫଳତା ହାସଲ କରିଛି।

# ମଦଭାଟି ବନ୍ଦ ଦାବି ତେଜିଲା

ରାଉରକେଲା ଅଫିସ,୨୮।୧

ରାଉରକେଲା ସହରରେ ଗଞ୍ଜେଇ, ମଦ ଭଳି ନିଶା ଜାତୀୟ ଦ୍ରବ୍ୟକୁ ରୋକିବା ପାଇଁ ବିଭିନ୍ନ ସମୟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି। କିନ୍ତୁ ଏନ୍‌ଏଚ୍ ୧୪୩ କଡ଼ରେ ଥିବା ଦୁଇଟି ଗ୍ରାମ ନିକଟରେ ଏକ ମଦଭାଟି ଚାଲିଥିବାବେଳେ ଅବକାରୀ ବିଭାଗ ଉକ୍ତ ଭାଟି ଉପରେ କୌଣସି ପଦକ୍ଷେପ ନେଇ ନ ଥିବାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ରାଉରକେଲା ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉକ୍ତ ଭାଟିକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଟାଙ୍ଗରପାଲି ଥାନା ଅନ୍ତର୍ଗତ ହାତିବନ୍ଧା ଓ ଅସୁରଛପଲ ଗ୍ରାମରେ ପ୍ରାୟ ୨ ହଜାରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି।ଏହି ଗ୍ରାମରେ ଅଧିକାଂଶ ଲୋକେ କୃଷି, ଠିକା ଶ୍ରମିକ ଓ ବ୍ୟବସାୟ କରି ନିଜର ପରିବାର ଭରଣ ପୋଷଣ କରନ୍ତି। ଏହି ଗ୍ରାମ ପାଖରେ ଏକ ମଦଭାଟି ଥିବାରୁ ଗ୍ରାମର ଯୁବପିଢ଼ି ପ୍ରଭାବିତ ହୋଇଛନ୍ତି। ଏହି ମଦଭାଟିରେ ଦେଶୀମଦ ରନ୍ଧା ଯାଉଥିବାରୁ ଏଥିରୁ ନିର୍ଗତ ହେଉଥିବା ଧୂଆଁ ସ୍ଥାନୀୟ ଅଞ୍ଚଳରେ କୁପ୍ରଭାବ ପକାଉଛି। ମଦଭାଟି ପାଖରେ ହାତିବନ୍ଧ ହାଇସ୍କୁଲ ଥିବାବେଳେ ଅଳ୍ପ ଦୂରରେ ଏକ ମନ୍ଦିର ଅଛି। ଏହି ବାଟଦେଇ ପିଲାମାନେ ସ୍କୁଲ ଯାଉଥିବାବେଳେ ଅନେକ ସମୟରେ ମଦଭାଟି ସମ୍ମୁଖରେ ମଦୁଆଙ୍କ ଭିଡ଼ ଦେଖିବାକୁ ମିଳୁଛି। ରାତି ପାହିଲେ ଏହି ମଦଭାଟି ସମ୍ମୁଖରେ ଅସାମାଜିକ ଯୁବକମାନେ ମଦ୍ୟପାନ କରି ଉନ୍ମତକାଣ୍ଡ କରୁଥିବା ଅଭିଯୋଗ ହୋଇଛି। ଏନ୍‌ଏଚ୍ ଅଳ୍ପ ଦୂରରେ ଏହି ମଦଭାଟି ଥିବାରୁ ବିଭିନ୍ନ ସମୟରେ ଗାଡ଼ି ଚାଳକମାନେ ଏଠାରେ ଦେଶୀମଦ ପିଇ ଦୁର୍ଘଟଣା କରୁଛନ୍ତି। ଏଥିସହ ଉକ୍ତ ରାସ୍ତାଦେଇ ଗ୍ରାମର ଝିଅ, ବୋହୂମାନେ ଯାତାୟତ କରୁଥିବାକୁ ନେଇ ସୁରକ୍ଷିତ ମନେ କରୁନାହାନ୍ତି। ମଦଭାଟି ଯୋଗୁ ଏହି ଗ୍ରାମରେ ବିଭିନ୍ନ ସମସ୍ୟା ଉପୁଜୁଥିବାରୁ ସ୍ଥାନୀୟ ଲୋକେ ରାଉରକେଲା ଅତିରିକ୍ତ ଜିଲାପାଳ ଅବେଲି ସୁନିଲ ନରୱଣେଙ୍କୁ ଭେଟି ଏହି ଭାଟିକୁ ତୁରନ୍ତ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ଅବକାରୀ ବିଭାଗକୁ ଅବଗତ କରାଇବା ସହ ତୁରନ୍ତ ପଦକ୍ଷେପ ନେବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।



ଗ୍ରାମବାସୀ ଅତିରିକ୍ତ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

# ବନ୍ଧୁକ ଦେଖାଇ ଦେଢ଼ ଲକ୍ଷ ଲୁଟିନେଲେ

ନୂଆଗାଁ, ୨୮।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଖୁଣ୍ଟଗାଁ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟଗାଁ- ଝିରିପାଣି ମଝିରେ ଲିଣ୍ଡରା ସବଷ୍ଟେସନ ନିକଟରେ ଗୁରୁବାର ଅପରାହ୍ନ ଅଢ଼େଇଟାରେ ପିସ୍ତଲ ଦେଖାଇ ଜଣେ ଯୁବ ବ୍ୟବସାୟୀଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ବ୍ୟସ୍ତବହୁଳ ମୁଖ୍ୟ ରାସ୍ତାରେ ଦିନ ଦ୍ୱିପହରେ ଏଭଳି ଲୁଟ ଘଟଣା ବିଶ୍ରା ପୋଲିସର କାର୍ଯ୍ୟକଳାପକୁ ପଦାରେ ପକାଇ ଦେଇଛି। ସୂଚନାମୁତାବକ ଗୁରୁବାର ଅପରାହ୍ନ ୨ଟାରେ ବାରିଲେପ୍ଟା ପଞ୍ଚାୟତର ଯୁବ ବ୍ୟବସାୟୀ ଗଙ୍ଗାରାମ ସାହୁ ଜିନିଷପତ୍ର କିଣିବାକୁ ନିଜ ପିକଅପ୍ ଭ୍ୟାନ ଓଡି ୧୪ ଏସ- ୯୩୨୬ ଯୋଗେ ଡ୍ରାଇଭର ଓ ଅନ୍ୟଜଣେ କର୍ମଚାରୀଙ୍କ ସହ ରାଉରକେଲା ଅଞ୍ଚଳକୁ ଯାଉଥିଲେ। ଠିକ ଅପରାହ୍ନ ଅଢ଼େଇଟାରେ ଗାଡିଟି ଲିଣ୍ଡରା ସବ୍‌ଷ୍ଟେସନ ପାଖରେ ପହଞ୍ଚିଥିଲା । ସେଠାରେ ରାସ୍ତା ଖରାପ ଥିବାରୁ ଗାଡିଟିକୁ ଡ୍ରାଇଭର ଧିରେ କରିଥିଲେ । ଏହି ସମୟରେ ପଛପଟୁ ବାଇକ ଯୋଗେ ୩ଜଣ ଯୁବକ ମୁହଁରେ ଗାମୁଛା ବାନ୍ଧି ଗାଡି ନିକଟରେ ପହଞ୍ଚିଲେ ଓ ଡ୍ରାଇଭରକୁ ପିସ୍ତଲ ଦେଖାଇଥିଲେ। ଗାଡିରେ ବସିଥିବା ବ୍ୟବସାୟୀ ଗଙ୍ଗାରାମ ସାହୁଙ୍କୁ ମଧ ପିସ୍ତଲ ଦେଖାଇ ଧମକ ଦେଇ ଟଙ୍କା ମାଗିଥିଲେ। ଭୟଭୀତ ହୋଇ ସେମାନେ ଧରିଥିବା ପ୍ରାୟ ଦେଢ଼ ଲକ୍ଷ ଟଙ୍କାକୁ ଦେଇ ଦେଇଥିଲେ । ଟଙ୍କା ନେଇ ଉକ୍ତ ୩ ଜଣ ଯୁବକ ବାଗଡେଗା ଦେଇ ଫେରାର ହୋଇଯାଇଥିବା କୁହାଯାଉଛି । ତେବେ ଦିନଦ୍ୱିପହରରେ ଏଭଳି ଘଟଣା କିଭଳି ଘଟିଲା ଓ ଏହା ପଛରେ କାହାର ହାତ ଅଛି ସେ ନେଇ ସାଧାରଣରେ ନାନା କଥା ଶୁଣିବାକୁ ମିଳୁଛି। ଲୁଟ ଘଟଣାରେ ଖବରପାଇ ବିଶ୍ରା ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଘଟଣାର ତଦନ୍ତ କରୁଛି ।

# ବ୍ରହ୍ମବିଦ୍ୟା ବିହଙ୍ଗମ ଯୋଗ ସମାଜର ବାର୍ଷିକ ଉତ୍ସବ


ବ୍ରହ୍ମବିଦ୍ୟା ବିହଙ୍ଗମ ଯୋଗ ସମାଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବେଦବ୍ୟାସ, ୨୮।୧(ଡି.ଏନ.ଏ.)

ପ୍ରସିଦ୍ଧ ବ୍ୟାସପିଠ ବେଦବ୍ୟାସସ୍ଥିତ ଶଙ୍ଖନଦୀ ତୀରରେ ଅବସ୍ଥାପିତ ଅନନ୍ତଶ୍ରୀ ମହର୍ଷି ସଦଗୁରୁ ସଦାଫଳ ଦେବଜୀ ମହାରାଜଙ୍କ ଆଶ୍ରମରେ ଗୁରୁବାର ବ୍ରହ୍ମବିଦ୍ୟା ବିହଙ୍ଗମ ଯୋଗ ସମାଜର ୪ର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ବେଦବ୍ୟାସ କନ୍ୟାଶ୍ରମର ସଂସ୍ଥାପକ ଶ୍ରୀଅଗ୍ନିବାବା ଯୋଗଦେଇ ପ୍ରଥମେ ପରମ ଗୁରୁ ଶ୍ରୀଶ୍ରୀ ମହର୍ଷି ସଦା ଫଳଜିଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ସ୍ମରଣ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ରାଉରକେଲା ଓକିଲ ସଂଘ ସଭାପତି ତଥା ସଙ୍ଗଠନର ସହସଂଯୋଜକ ରମେଶ ଚନ୍ଦ୍ର ବଳ ଯୋଗଦେଇ ମହର୍ଷି ସଦଗୁରୁ ସଦା ଫଳ ଦେବଜୀଙ୍କ ନୀତି ନିୟମ ଓ ଆଦର୍ଶରେ ମାନବ ସମାଜ ଅନୁପ୍ରାଣିତ ହେବା ଉଚିତ ବୋଲି ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ସଂଯୋଜକ ସୁଗ୍ରୀବ ଶର୍ମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ପ୍ରଦେଶ ସନ୍ଥ ସମାଜର ନିର୍ଦ୍ଦେଶକ ପରମାନନ୍ଦ ବିଶ୍ୱକର୍ମା, ସୁରେଶ ଚନ୍ଦ୍ର ଗୁପ୍ତା, ଓସିଆର ପ୍ରସାଦ, ଲଳିତ ଶର୍ମା, ସୁଶୀଲ ଶର୍ମା, ଅଶୋକ ଗୁପ୍ତା, ରବି ପ୍ରସାଦ, ଦଶରଥ ଗୁପ୍ତା, ଦୀନାନାଥ ସା, ପ୍ରମିଳା ଦେବୀ, କିରଣ ଦେବୀ ପ୍ରମୁଖ ଶତାଧିକ ଶ୍ରଦ୍ଧାଳୁ କୋଭିଡ ୧୯ ଗାଇଡ଼ ଲାଇନକୁ ମାନି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ଶେଷରେ ମଙ୍ଗଳପାଠ, ବନ୍ଦନା, ଆରତୀ, ଶାନ୍ତି ପାଠ କରାଯାଇଥିଲା।

# ଫିନାଇଲ, ହ୍ୟାଣ୍ଡୱାସ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ସୁନ୍ଦରଗଡ, ୨୮।୧ (ଡି.ଏନ୍.ଏ)

ଏନଟିପିସି ଡୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ପକ୍ଷରୁ ବିସ୍ଥାପିତ ଓ ପ୍ରଭାବିତ ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପ୍ରକଳ୍ପର ପୁର୍ନବାସ ଓ ଥଇଥାନ କଲୋନୀରେ ଏକ ଫିନାଇଲ ଓ ହ୍ୟାଣ୍ଡୱାସ ତାଲିମ କେନ୍ଦ୍ର ଉଦଘାଟିତ ହୋଇଛି । ଏହି କେନ୍ଦ୍ରରେ ପ୍ରକଳ୍ପ ପ୍ରଭାବିତ ମଝାପଡା ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ତାଲିମ ପ୍ରଦାନ କାର୍ଯ୍ୟକ୍ରମକୁ କୋଇଲା ଖଣି ପ୍ରକଳ୍ପର ଡିଜିଏମ୍ ଚିତ୍ତରଂଜନ ବାରିକ ଓ ପ୍ରେରଣା ମହିଳା କ୍ଲବର ସଭାନେତ୍ରୀ ଆହୁତି ବାରିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମହିଳାମାନେ ଫିନାଇଲ ଓ ହ୍ୟାଣ୍ଡୱାସ ତିଆରି ତାଲିମ ପାଇବା ପରେ ନିଜେ ଏହି ସବୁ ସାମଗ୍ରୀ ପ୍ରସ୍ତୁତ କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ପ୍ରେରଣା ମହିଳା କ୍ଲବର ସଭାନେତ୍ରୀ ବାରିକ ମତବ୍ୟକ୍ତ କରିଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ପ୍ରକଳ୍ପର ଜିଏମ୍ ଏସ୍.କେ ରାୟ, ଡିଜିଏମ୍ ଅଶ୍ୱିନୀ କୁମାର ମିଶ୍ର, ସିନିୟର ମ୍ୟାନେଜର ସୂର୍ଯ୍ୟକାନ୍ତ ସାହୁ , ଅମରେଶ ରାଉଳ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।


ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ମୂହୂର୍ତ୍ତ।

# କୁକୁଡା ଲଢ଼େଇ ଉପରେ ଚଢ଼ାଉ, ୪ ଗିରଫ

ଲହୁଣୀପଡା, ୨୮।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଏଲାବେକାଠାରେ ଚାଲିଥିବା କୁକୁଡା ଲଢ଼େଇ ଉପରେ ଗୁରୁବାର ଲହୁଣୀପଡା ଥାନା ପୋଲିସ ଅତର୍କିତ ଚଢ଼ାଉ କରି ୪ଟି ବାଇକକୁ ଜବତ କରିବା ସହିତ ଚାରି ଜଣଙ୍କୁ ଗିରଫ କରିଛି। ଏଲାବେକା ନିକଟରେ ଏକ ନିର୍ଜନ ଜାଗାରେ ବେନିୟମ ଭାବେ କୁକୁଡା ଲଢ଼େଇ ହେଉଥିବା ଖବରପାଇ ଲହୁଣୀପଡା ଥାନା ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ଅତର୍କିତ ଚଢ଼ାଉ କରିଥିଲେ। ଫଳରେ ବହୁ ଲୋକ ଦୌଡି ପଳେଇଥିଲେ ମଧ ୪ଜଣ ପୋଲିସ ହାତରେ ଧରା ପଡିଥିଲେ।

# ବକେୟା ଦରମା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସାମୟିକ ପ୍ରଶିକ୍ଷକ

ସୁନ୍ଦରଗଡ, ୨୮।୧ (ଡି.ଏନ୍.ଏ): ଜିଲାର ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତ ହୋଇଥିବା ସାମୟିକ ପ୍ରଶିକ୍ଷକ (ପିଟିଆଇ) କରୋନା ସମୟରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ କାର୍ଯ୍ୟରେ ସହଯୋଗ କରି ଆସିଥିଲେ ମଧ୍ୟ ସେମାନଙ୍କୁ ୯ମାସର ବକେୟା ପାରିଶ୍ରମିକ ମିଳିନାହିଁ। ଏହି ୯ମାସର ଦରମା ପ୍ରଦାନ ସକାଶେ ବୁଧବାର ଜିଲାରେ କାର୍ଯ୍ୟରତ ପିଟିଆଇମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାର ୧୭ଟି ବ୍ଲକରେ ଶତାଧିକ ସାମୟିକ ପ୍ରଶିକ୍ଷକ ଶିକ୍ଷୟିତ୍ରୀଶିକ୍ଷକ ଏକ ବୈଠକରେ ମିଳିତ ହେବା ପରେ ବୈଠକର ନିଷ୍ପତ୍ତି ଅନୁଯାୟୀ ଏକ ପଦଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟରତ ଏହି ପ୍ରଶିକ୍ଷକମାନଙ୍କୁ ତୁରନ୍ତ ୯ମାସର ବକେୟା ଦରମା ପ୍ରଦାନ ନିମନ୍ତେ ଏହି ସ୍ମାରକପତ୍ରରେ ଦାବି କରାଯାଇଥିଲା। ଜିଲାପାଳ ଏ ଦିଗରେ ଯଥାଶିଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଏହି ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକତ୍ରିତ ହୋଇ ପିଟିଆଇ ସଂଘର କର୍ମକର୍ତ୍ତା ଚୟନ କରିଥିଲେ । ନବଗଠିତ ଏହି ସଂଘର ସଭାପତି ଭାବେ ରଞ୍ଜନ କୁମାର ମହାପାତ୍ର ମନୋନୀତ ହୋଇଥିଲେ। ଏଲିସା କୁଜୁର ଉପସଭାପତି, ହେମେନ୍ଦ୍ର ପ୍ରତାପ ପାଉଲେ ସମ୍ପାଦକ, ମାନସରଞ୍ଜନ ପାତ୍ର ସହସମ୍ପାଦକ, ରାଜେନ୍ଦ୍ର କୁମାର ମେହେରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି ।

# ନିରାଡମ୍ବର ଭାବେ ପୁଷ୍‌ପୁନି ଭେଟଘାଟ

ସମ୍ବଲପୁର, ୨୮।୧ (ବ୍ୟୁରୋ)

ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ପୁଷପୁନି ଭେଟଘାଟ ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ଯୋଗୁ ନିରାଡମ୍ବର ଭାବେ କାର୍ଯ୍ୟକ୍ରମ ହୋଇଥିଲା। ପରିଷଦ ସଭାପତି ପ୍ରଫେସର ସୁଦର୍ଶନ ପୂଜାରୀ ସଭାରେ ଅଧକ୍ଷତା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି, ଓଡିଆ ଅଧାପକ ପ୍ରକାଶ ସେଠ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଂସ୍କୃତିକ ବିବର୍ତ୍ତନ ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ଦିପକ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ବୋଧରାମ ଦାଶ ଧନ୍ୟବାଦ ଦେଇଥିଲେ।

# ଗ୍ରାମୀଣ ପାର୍କ ଉଦ୍‌ଘାଟିତ

ରେଢାଖୋଲ, ୨୭।୧(ଡି.ଏନ.ଏ.)

ରେଢାଖୋଲ ବ୍ଲକ ଚାରମାଳ ଓ ମୋଚିବାହାଲଠାରେ ନବନିର୍ମିତ ଗ୍ରାମୀଣ ପାର୍କକୁ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଏଥିରେ ବିଡିଓ ପରିକ୍ଷିତ ସାହୁ, ସରପଞ୍ଚ ସୁପ୍ରଭା ପ୍ରଧାନ, ସମିତିସଭ୍ୟ ବ୍ରଜକିଶୋର ପ୍ରଧାନ, ସରପଞ୍ଚ ସୁଶାନ୍ତ ପ୍ରଧାନ, ସମିତିସଭ୍ୟ ସିଲି ସେଠୀ, ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରକାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାଉରକେଲା ଅଫିସ,୨୮।୧: ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପଡ଼ିଆରେ ୧୪ତମ ପ୍ରକାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ୱାଇସିସି କ୍ଲବ ପକ୍ଷରୁ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଭାଜପାର ରାଉରକେଲା ବିଧାୟକ ପ୍ରାର୍ଥୀ ନିହାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ବିଜୟୀ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଉଦ୍‌ଘାଟନୀ ମ୍ୟାଚ ଆରୱାଇସିସି ଓ ସିଙ୍ଗିଙ୍ଗ୍‌ଷ୍ଟାର ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସିଙ୍ଗିଙ୍ଗଷ୍ଟାର ଦଳ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୩୦ ଓଭରରୁ ମାତ୍ର ୧୯ ଓଭର ଖେଳି ୭୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହି ରନର ଲକ୍ଷ୍ୟକୁ ନେଇ ଆରୱାଇସିସି ଦଳ ୧୨ ଓଭରରେ ବିଜୟୀ ଲାଭ କରିଥିଲା। ଦଳ ପକ୍ଷରୁ ଏମ୍‌ଡ଼ି ଫାରାନ ୨୮ ବଲ ଖେଳି ସର୍ବାଧିକ ୪୦ ରନ କରିଥିଲେ। ଟୁର୍ନାମେଣ୍ଟକୁ ପ୍ରଦୀପ ସ୍ୱାଇଁ ଓ ଅତିଶ ଜେନା ପରିଚାଳନା କରିଥିଲେ। ଶତ୍ରୁଘନ ସୁବଦ୍ଧି ରନ ତଦାରଖ କରିଥିଲେ। ଏହି ମ୍ୟାଚକୁ କ୍ଲବର ଅଧ୍ୟକ୍ଷ ଅଶେଷ ମହାନ୍ତି, ଟ୍ରଷ୍ଟି ସୁବେନ୍ଦୁ ଧଳ, ସଭାପତି ବାନାମ୍ବର ସାହୁ, ସୌରଭ କୁମାର ବେହେରା, ବିଳ୍ପବ କୁମାର ଦାସ, ସଞ୍ଜୟ ପ୍ରଧାନ, ଭାରତ ଭୂଷଣ ପରିଡ଼ା, ପ୍ରିୟରଞ୍ଜନ ଦାସ, ଦେବେନ୍ଦ୍ର ସାହୁଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ମ୍ୟାଲେରିଆ ଗବେଷଣା କେନ୍ଦ୍ର ସ୍ଥାନାନ୍ତରକୁ ବିରୋଧ

ରାଉରକେଲା ଅଫିସ, ୨୮।୧

**ଜିଲାପାଳଙ୍କୁ ବିଜେଡି ଦେଲା ସ୍ମାରକପତ୍ର**

ସେକ୍ଟର-୫ ଅଞ୍ଚଳରେ ଥିବା ଜାତୀୟ ମ୍ୟାଲେରିଆ ଗବେଷଣା କେନ୍ଦ୍ରକୁ ରାଞ୍ଚିକୁ ସ୍ଥାନାନ୍ତର କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ନୋଟିସ୍ ହୋଇଛି। ବୁଧବାର ରଘୁନାଥପାଲି ବିଜେଡ଼ି ପକ୍ଷରୁ ସୁଧୀର ସୁନ୍ଦର ରାୟଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସୁନ୍ଦରଗଡ଼ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ପଶ୍ଚିମ ଓଡ଼ିଶାରେ କୌଣସି ସ୍ଥାନରେ ଜାତୀୟ ମ୍ୟାଲେରିଆ ଗବେଷଣା କେନ୍ଦ୍ର ନ ଥିବାବେଳେ କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପକୁ ରଘୁନାଥପାଲି ବିଜେଡ଼ି ପକ୍ଷରୁ ନିନ୍ଦା କରାଯାଇଛି। ଉକ୍ତ ଅଞ୍ଚଳ ଜଙ୍ଗଲମୟ ପରିବେଶ ହୋଇଥିବାରୁ ବିଭିନ୍ନ ସମୟରେ ତଳି ଅଞ୍ଚଳଗୁଡ଼ିକରେ ମ୍ୟାଲେରିଆ ଭଳି ମହାମାରି ଏଠାରେ ଦେଖିବାକୁ ମିଳିଥାଏ। ବିଭିନ୍ନ ସମୟରେ ବ୍ଲକସ୍ତରରେ ମ୍ୟାଲେରିଆ ରୋଗ ପାଇଁ ଔଷଧ ଓ ଟିକା ରୋଗୀମାନଙ୍କୁ ମାଗଣାରେ ଯୋଗାଇ ଦିଆଯାଇଥାଏ। କିନ୍ତୁ ବର୍ତ୍ତମାନ ଏହି ଜାତୀୟ କେନ୍ଦ୍ରରେ କାର୍ଯ୍ୟରତ ବହୁ କର୍ମଚାରୀଙ୍କୁ ହଠାତ ବଦଳି କରିବା ଓ ପରେ ମ୍ୟାଲେରିଆ ଗବେଷଣା କେନ୍ଦ୍ରକୁ ରାଞ୍ଚିକୁ କାହା ସ୍ୱାର୍ଥରେ ସ୍ଥାନାନ୍ତରିତ କରାଯାଉଛି ବିଜେଡ଼ି ପକ୍ଷରୁ ପ୍ରଶ୍ନ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗର ଏଭଳି ନିଷ୍ପତ୍ତିକୁ ବିରୋଧ କରି ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ବିଜେଡ଼ି ପକ୍ଷରୁ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଦିଲ୍ଲୀ ମ୍ୟାଲେରିଆ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକଙ୍କୁ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ବିଜେଡ଼ି ପକ୍ଷରୁ ସତ୍ୟନାରାୟଣ ପ୍ରଧାନ, ରାକେଶ କୁମାର ସାହୁ, ଦିଲୀପ ଦାସ, ବନମାଳୀ ବେହେରା, ଅନୀଲ ସିଙ୍ଗ, ଗୌତମ ବଡ଼ି, ରାଜା ସିଂ, ଚନ୍ଦ୍ରକାନ୍ତ ସାହୁ, ପ୍ରିୟବ୍ରତ ଭଞ୍ଜ, ହରେକୃଷ୍ଣ ନାୟକଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଫୁଟ୍‌ବଲ : ମହାବୀର କ୍ଲବ ଚାମ୍ପିୟନ

ରାଜଗାଙ୍ଗପୁର, ୨୮।୧ (ଡି.ଏନ.ଏ)

ରାଜଗାଙ୍ଗପୁର ଗର୍ଭଣା ପଞ୍ଚାୟତରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ୨୨ ତାରିଖରୁ ଆରମ୍ଭ ହୋଇଥିବା ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଛି । ମୁଖ୍ୟଅତିଥି ଭାବେ ଉପଖଣ୍ଡ ଉପଆରକ୍ଷୀ ଅଧିକ୍ଷକ ଶଶାଙ୍କ ବେହୁରା ଯୋଗଦେଇ ନିଜ ବକ୍ତବ୍ୟରେ ପଞ୍ଚାୟତସ୍ତରରେ ଏପରି ଟୁର୍ନାମେଣ୍ଟ ଆୟୋଜନ ସ୍ଥାନୀୟ ଖେଳ ପ୍ରତିଭାକୁ ପ୍ରୋତ୍ସାହନ କରିବା ସଙ୍ଗେ ସଙ୍ଗେ ସମସ୍ତ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନୀୟ ଅତିଥି ଭାବେ ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ ଓ ଗର୍ଭଣା ପଞ୍ଚାୟତ ସରପଞ୍ଚ ଗଣେଷ କେରକେଟା ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଫାଇନାଲ ମ୍ୟାଚରେ ବିଜୟୀ ଟିମ ମହାବୀର କ୍ଲବ ଓ ରର୍ନସ ଅଫ୍ ଗାଡିପଡା ଟିମ, ଖେଳର ରେଫରି, ବିଭିନ୍ନ ସହଯୋଗୀ ଓ ଅନ୍ୟମାନଙ୍କୁ ଅତିଥିମାନେ ସମ୍ମାନିତ କରି ପୁରସ୍କାର ବିତରଣ କରିଥିଲେ ଓ ତତ୍‌ସଙ୍ଗେ ସଙ୍ଗେଏ ଅଞ୍ଚଳର ସେନାରେ କାର୍ଯ୍ୟରତ ଥିବା ଯୁବକମାନଙ୍କର ମନୋବଳ ବଢ଼ାଇବା ପାଇଁ ସେମାନଙ୍କର ପିତାମାତ (୩୪ଜଣ)ଙ୍କୁ ମଞ୍ଚରେ ବସାଇ ସମ୍ମାନୀତ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ୩ୟ ବର୍ଷରେ ପଦାର୍ପଣ କରିଥିଲା ବେଳେ ଏଥର ୩୨ଟି ଫୁଟବଲଦଳ ଅଂଶ ଗ୍ରହଣ କରିଥିଲେ। ଏହି ସଭା କାର୍ଯ୍ୟକୁ କ୍ଲବର ସଭାପତି ଭୁରୁ ଖାଲଖୋ ପରିଚାଳନା କରିଥିଲା ବେଳେ ସମ୍ପାଦକ ବିଷ୍ଣୁ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ଉପସଭାପତି ସୁଜିତ ମିଞ୍ଜଙ୍କ ସହ ପଞ୍ଚାୟତର ବହୁ ଶୁଭେଚ୍ଛୁ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ ଓ ଶେଷରେ ଛୋଟ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟରେ ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

**ବେଣିମାଧବ ସମ୍ମାନ ପାଇବେ ଦୁଃଖନାଶନ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଗଙ୍ଗାଧର ବିଶୀ ପ୍ରକାଶନୀ ପକ୍ଷରୁ ଚଳିତ ବର୍ଷ ବେଣିମାଧବ ସମ୍ମାନ ଲାଗି ପ୍ରତିଭା ଚୟନ କରାଯାଇଛି। ଖ୍ୟାତନାମା ସଞ୍ଚାର କଳାକାର ଦୁଃଖନାଶନ ବେହେରାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଞ୍ଜୟ ସୁପକାର, ଅଶୋକ ପ୍ରଧାନ, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡ. ଶ୍ୟାମ ଭୋଇ, ମାନସ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବାବଦରେ ୧ ଲକ୍ଷ ଆର୍ଥିକ ସାହାଯ୍ୟ ସହ ମାନପତ୍ର ଓ ଉପଢୌକନ ଦିଆଯାଇଥାଏ।

# ତଦନ୍ତ ଆଳରେ ଚପାଇବାକୁ ଉଦ୍ୟମ

**ସମ୍ବଲପୁର,୨୮।୧(ବ୍ୟୁରୋ)**



ଚାଉଳ ପାଇବାରୁ ବଞ୍ଚିତ ହିତାଧିକାରୀମାନେ।

**ମାଗଣା ଚାଉଳ ବଣ୍ଟନରେ ଦୁର୍ନୀତି ଘଟଣା**

- ଯାଞ୍ଚ ଭୟ ଦେଖାଇ ଟଙ୍କା ଅସୁଲି ଅଭିଯୋଗ
- ନିଜ ମୁଣ୍ଡରୁ ଦୋଷ ଛଡ଼ାଉଛନ୍ତି ଅଧିକାରୀ
- କାର୍ଯ୍ୟାନୁଷ୍ଠାନ ବଦଳରେ ଅନୁକମ୍ପା

ସମ୍ବଲପୁର ଜିଲାରେ କୋଭିଡ୍-୧୯ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ହିତାଧିକାରୀଙ୍କୁ ଆଗୁଆ ୫ ମାସର ପିଡିଏସ୍ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା କରିଥିଲେ। ହେଲେ ସମ୍ବଲପୁର ଜିଲାରେ ମାଗଣା ଚାଉଳ ବଣ୍ଟନ (ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା)ରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ହିତାଧିକାରୀଙ୍କ ମତାମତଭିତ୍ତିକ ଖବର 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ରେ ପ୍ରକାଶ ପାଇଥିଲା। ଯୋଗାଣ ନିରୀକ୍ଷକ ଓ ଏମ୍ଆଇମାନଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାୟ ୨ମାସ ବିତିଯାଇଥିଲେ ମଧ୍ୟ ରିପୋର୍ଟ ହସ୍ତଗତ ହୋଇ ନ ଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ମଲିକ କହିଛନ୍ତି। ଅନ୍ୟପଟେ ଯୋଗାଣ ସହାୟକ ଓ ଡିଲର୍‌ମାନଙ୍କୁ ଯାଞ୍ଚ ଭୟ ଦେଖାଇ କେତେକ ଅଧିକାରୀ ଟଙ୍କା ଅସୁଲି କରୁଥିବା ଅଭିଯୋଗ ହୋଇଛି । ଝୁଞ୍ଝୁମୁରା ବ୍ଲକର ୨ ଜଣ ଯୋଗାଣ ସହାୟକ ୧୦ ହଜାର ଟଙ୍କା ଲେଖାଏ ଜଣେ ଅଧିକାରୀଙ୍କୁ ଦେଇଥିବା ଅଭିଯୋଗ କରିଛନ୍ତି। ଏଲ୍-୨ ଠିକାଦାର ମଧ୍ୟ ଠିକ୍ ସମୟରେ ଉଚିତ ପରିମାଣର ପିଡିଏସ୍ ସାମଗ୍ରୀ ଯୋଗାଇ ଦେଉ ନ ଥିବା ଯୋଗାଣ ସହାୟକମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶୀଘ୍ର ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ସମ୍ପୃକ୍ତ ଯୋଗାଣ ସହାୟକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମଲିକ କହିଛନ୍ତି, ଘଟଣାକୁ ନେଇ ତଦନ୍ତ କରିବାକୁ କୁହାଯାଇଥିଲା। ହେଲେ ରିପୋର୍ଟ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ। ଏହାସହ ସମ୍ବଲପୁରରେ ଯୋଗଦାନ ପୂର୍ବରୁ ଏହି ଦୁର୍ନୀତି ହୋଇଛି ବୋଲି ନିଜ ମୁଣ୍ଡରୁ ଦୋଷ ଛଡାଇବା ଭଳି ମନ୍ତବ୍ୟ ଦେଇଥିଲେ। ପରେ ତଦନ୍ତ ରିପୋର୍ଟ କେଉଁ କାରଣରୁ ବିଳମ୍ବ ହେଲା ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ କୋଭିଡ୍ ସମୟରେ ପିଡିଏସ୍ ସାମଗ୍ରୀ ବଣ୍ଟନରେ ଦୁର୍ନୀତି ହୋଇଥିଲା। ନଭେମ୍ବର ୨୨, ୨୦୨୦ରେ ଧରିତ୍ରୀ ଓ ଡିସେମ୍ବର ୧ରେ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇଥିଲା। ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଜିଲାରେ ହିତାଧିକାରୀଙ୍କ ଲାଗି ପ୍ରତି ମାସରେ ପ୍ରାୟ ୩୨ ହଜାର ୫ ଶହ କୁଇଣ୍ଟାଲ, ୫ ମାସରେ ପ୍ରାୟ ୧ ଲକ୍ଷ ୬୦ ହଜାର କୁଇଣ୍ଟାଲ ଚାଉଳ ବଣ୍ଟନ ପାଇଁ ଆସିଥିଲା। ସେହିପରି ନିୟମିତ କୋଟାରେ ପ୍ରାୟ ଦେଢ଼ଲକ୍ଷ କୁଇଣ୍ଟାଲ ଚାଉଳ ଆସିଥିଲା। ପ୍ରତି ମାସରେ ହିତାଧିକାରୀ ନିୟମିତ ଓ ଥରେ ମାଗଣା ଚାଉଳ ପାଇବାର ନିୟମ ରହିଥିଲା। କିନ୍ତୁ ଖୋଲା ବଜାରରେ କେଜି ପ୍ରତି ୨୦ରୁ ୨୨ ଟଙ୍କାରେ ଏହି ଚାଉଳ ବିକ୍ରି ହେଉଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗ ହେଉଛି। କୋଭିଡ୍ ସମୟରେ ବାୟୋମେଟ୍ରିକ ମେଶିନ ବ୍ୟବହାର ବନ୍ଦ ହେବା ଯୋଗୁ ଏଭଳି ଦୁର୍ନୀତି ହୋଇଛି। ହିତାଧିକାରୀଙ୍କ ଦସ୍ତଖତ ମାନୁଆଲ ରସିଦ ଓ ସେଲ୍ ରେଜିଷ୍ଟରରେ କରାଯାଇ ନ ଥିଲା।

## ସଂକ୍ଷେପରେ

### ୨୦୧ ଉଠାଦୋକାନୀଙ୍କୁ ପରିଚୟପତ୍ର ବଣ୍ଟନ

**ରେଢ଼ାଖୋଲ,୨୮।୧(ଡି.ଏନ.ଏ.):** ରେଢ଼ାଖୋଲ ଏନ୍ଏସିର ୨୦୧ ଉଠା ଓ ବୁଲା ଦୋକାନୀଙ୍କୁ ଗୁରୁବାର ପରିଚୟ ଓ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ରେଢ଼ାଖୋଲ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଯୋଗଦେଇ ପ୍ରମାଣପତ୍ର ବଣ୍ଟନ ସହ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ୱାର୍ଡ ନଂ.୮ ଓ ୧୦ରେ ୨ ପରିଚୟ ଗୃହ,ଏକ ୱେଲ୍‌ଥ ସେଣ୍ଟର, ୱାର୍ଡ ନଂ.୭ରେ ମିଶନ ଶକ୍ତି ଗୃହ ଓ ଏକ ସର୍ବସାଧାରଣ ଶୌଚାଳୟ ଉଦ୍‌ଘାଟନ କରିଥିଲେ। ଏନ୍ଏସି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ଦୋକାନୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିବା ଅବସରରେ ବାଦ୍ ପଡିଥିବା ଦୋକାନୀଙ୍କୁ ଖୁବଶୀଘ୍ର ଏହି ସୁବିଧା ଦିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, ପୂର୍ବତନ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, କାଉନସିଲର ଉପସ୍ଥିତ ଥିଲେ।

### ଡିଏଚ୍ଏଚ୍‌ରେ ଖୋଲିବ ଡାଏଲିସିସ୍ ୟୁନିଟ୍, ସିଟି ସ୍କାନ

**ସମ୍ବଲପୁର, ୨୮।୧(ବ୍ୟୁରୋ):** ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଖୁବ୍ ଶୀଘ୍ର ଡାଏଲିସିସ୍ ୟୁନିଟ୍ ଖୋଲାଯିବ। ରାଜ୍ୟ ସରକାର ଏହାକୁ ଅନୁମୋଦନ କରିସାରିଛନ୍ତି। ଭିତ୍ତିଭୂମି ଓ ଅନ୍ୟାନ୍ୟ କାମ ପରେ ଲୋକାର୍ପଣ କରାଯିବ। ଏହାସହ ସିଟି ସ୍କାନ୍ ମେଶିନ ଯୋଗାଇ ଦିଆଯିବ ବୋଲି ସମ୍ବଲପୁର ଗସ୍ତରେ ଆସି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୂଚନା ଦେଇଛନ୍ତି। ସେ କହିଥିଲେ, ଡିଏଚ୍ଏଚ୍‌କୁ ଦୈନିକ ଜିଲା ତଥା ପଡୋଶୀ ଜିଲାରୁ ଶତାଧିକ ରୋଗୀ ଆସିଥାନ୍ତି। ଏବେ ବିଭିନ୍ନ କାରଣରୁ ଗ୍ରାମାଞ୍ଚଳରେ କିଡ୍‌ନୀ ରୋଗୀ ଚିହ୍ନଟ ହେଉଛନ୍ତି। ଡାଏଲିସିସ୍ ୟୁନିଟ୍ ଖୋଲିଲେ ସେମାନେ ସୁବିଧାରେ ଚିକିତ୍ସା ପାଇପାରିବେ। ଘରୋଇ ମେଡିକାଲ କିମ୍ବା ଭିମ୍‌ସାରକୁ ଯିବାକୁ ପଡିବ ନାହିଁ। ସେହିପରି ଏଠାରେ ସିଟି ସ୍କାନର ମଧ ବ୍ୟବସ୍ଥା କରାଯିବ। ଏଥିପାଇଁ ଆବଶ୍ୟକ କର୍ମଚାରୀ, ଡାକ୍ତର ନିଯୁକ୍ତି କରାଯିବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଥିଲେ। ସୂଚନାଯୋଗ୍ୟ, ଡିଏଚ୍ଏଚ୍‌କୁ କୋଭିଡ୍ ଡାକ୍ତରଖାନା ଭାବେ କାର୍ଯ୍ୟକାରୀ କରାଯାଇଥିଲା। ଏବେ ଏହା ବନ୍ଦ ହେବାପରେ ପୂର୍ବଭଳି ଡାକ୍ତରଖାନା ପରିଚାଳନା କରାଯାଉଛି।

### କ୍ରିକେଟ : ଗୋଲାବନ୍ଧ ଚାମ୍ପିୟନ

**ଦେବଗଡ଼,୨୮।୧(ଡି.ଏନ୍.ଏ.):** ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ଗୋଲାବନ୍ଧ ରାଧାକୃଷ୍ଣ କ୍ଲବ ଆନୁକୂଲ୍ୟରେ ଗତ ପାଞ୍ଚଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ଗୋଲାବନ୍ଧ ଏକାଦଶ ଓ ବମ୍ପରଡ଼ା ଏକାଦଶ ମୁହାଁମୁହିଁ ହୋଇଥିଲେ। ଗୋଲାବନ୍ଧ ୩ ଉଇକେଟରେ ବମ୍ପରଡ଼ା ଏକାଦଶକୁ ପରାସ୍ତ କରି ଚାମ୍ପିୟନ ହୋଇଛି । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣକୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ନାଏବ ସରପଞ୍ଚ ରୀପା ସାହୁ ଉପସ୍ଥିତ ଥିଲେ। ଲିପୁନ୍ ସାହୁ, ଅଜୟ ରାଉତ, ସିପୁନ୍ ମହାରଣା, ଗଗନ ପ୍ରଧାନ ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ଲିକୁନ ପ୍ରଧାନଙ୍କ ନେତୃତ୍ୱରେ କ୍ଲବର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ ।

### ଫୋରୱେ କ୍ରିକେଟ : ବ୍ରଦର୍ସ ଇଲେଭେନକୁ ଟାଇଟଲ

**ଦେବଗଡ଼,୨୮।୧(ଡି.ଏନ୍.ଏ.):** ଦେବଗଡ ପୌରାଞ୍ଚଳ ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ରଜାମୁଣ୍ଡା ରାଜଶ୍ରୀ କ୍ଲବ ଆନୁକୂଲ୍ୟରେ ଫୋରୱେ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ବ୍ରଦର୍ସ ଇଲେଭେନ୍ ଓ ଶିବବାଲା ଦଳ ମଧ୍ୟରେ ହୋଇଥିଲା। ଶିବବାଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଶିବବାଲା ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ୍ କରି ପରାସ୍ତ ହୋଇଥିଲା । ଫଳରେ ବ୍ରଦର୍ସ ଇଲେଭେନ୍ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ମା' ସମଲେଇଙ୍କ ପୁଷ୍ୟାଭିଷେକ



ମା' ସମଲେଇଙ୍କୁ କୁଳ ପୁରୋହିତ ପୂଜାର୍ଚ୍ଚନା କରୁଛନ୍ତି।

**ସମ୍ବଲପୁର, ୨୮।୧ (ବ୍ୟୁରୋ)**

ପୌଷମାସ ପୂର୍ଣ୍ଣିମା ତିଥିରେ ରୀତିନୀତି ଅନୁଯାୟୀ ମା' ସମଲେଇଙ୍କ ପୁଷ୍ୟାଭିଷେକ ସମ୍ପନ୍ନ ହୋଇଛି। ପ୍ରାତଃ ୫ଟାରେ ଦେବୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। କୁଳ ପୁରୋହିତ ହୃଷୀକେଶ ଦାଶ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ରାତି ୭ଟାରେ ସମଲେଶ୍ୱରୀ ମଣ୍ଡପଠାରେ ରାଜପୁତ କ୍ଷେତ୍ରୀୟ ସମାଜ ପକ୍ଷରୁ ଗୁରୁ ସମ୍ମାନ କାର୍ଯ୍ୟକ୍ରମ ହୋଇଥିଲା। ରାଜଗୁରୁ ମହନ୍ତ ହୃଷୀକେଶ ଦାସ, କୁଳଗୁରୁ କିଶୋର ଚନ୍ଦ୍ର ପୁରୋହିତ ଓ କୁଳ ପୁରୋହିତ ଦାଶଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ନାରିକେଳ, ପଗଡି ଦେଇ ସମ୍ମାନିତ କରାଯାଇଥିଲା। ଏହାପରେ ମନ୍ଦିର ପୂଜକ ଓ ପରିବାର ବର୍ଗ ସେମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ଡ୍ରେନ୍ ନିର୍ମାଣକୁ ବିରୋଧ: ଜିଲାପାଳଙ୍କ ଦ୍ୱାରସ୍ଥ ନିଷ୍ପତ୍ତି

**ପଡିଆବାହାଲ, ୨୮।୧(ଡି.ଏନ.ଏ.)**

ଜାତୀୟ ରାଜପଥ ୫୩ର ଦୋହରୀକରଣ ଚାଲୁଥିବା ବେଳେ ଝୁଞ୍ଝୁମରା ବ୍ଲକ ପଡିଆବାହାଲ ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ଆରମ୍ଭ ହୋଇଛି। ମାତ୍ର ଏହା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବା ସମ୍ଭାବନା ଥିବାରୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ସେମାନଙ୍କ କହିବା କଥା ଏହି ଡ୍ରେନ ଘର ଓ ଦୋକାନଠାରୁ ୩ରୁ ୪ଫୁଟ ଉପରକୁ ରହୁଛି। ଏଥିଯୋଗୁ ଜଳ ନିଷ୍କାସନ ବଦଳରେ ଜମିରହି ସମସ୍ୟା ସୃଷ୍ଟି କରିବ। ଏହାକୁ ନେଇ ସେମାନେ ଗୁରୁବାର ଠିକା ସଂସ୍ଥାର ଯନ୍ତ୍ରୀ ଓ ଅଧିକାରୀ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ ସୁଦ୍ଧା କୌଣସି ବାଟ ଫିଟିନାହିଁ। ତେଣୁ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲାପାଳଙ୍କ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି।

# ନାଗରିକ କମିଟିର ରେଳରୋକୋ

**ବ୍ରଜରାଜନଗର,୨୮।୧(ଡି.ଏନ.ଏ.)**



ବ୍ରଜରାଜନଗର ଷ୍ଟେଶନରେ ରେଳରୋକୋ କରିଥିବା ନାଗରିକ କମିଟି ସଦସ୍ୟ।

**ବ୍ରଜରାଜନଗରରେ ଟ୍ରେନ୍ ରହଣି ଦାବି**

ବ୍ରଜରାଜନଗର ଷ୍ଟେଶନରେ ଉତ୍କଳ ଏକ୍ସପ୍ରେସ ଟ୍ରେନ ରହଣି ଦାବିରେ ଗୁରୁବାର ନାଗରିକ କମିଟି ଆହ୍ୱାନକ୍ରମେ ଅଞ୍ଚଳବାସୀ ବମ୍ବେ- ହାଓଡା ମେନ୍ ଲାଇନକୁ ସାଢ଼େ ୪ଘଣ୍ଟା ଅବରୋଧ କରିଥିଲେ। ରେଲୱେ ଓ ଜିଲା ପ୍ରଶାସନର ପଦାଧିକାରୀ ଯୋଗଦେଇ ନାଗରିକ କମିଟିକୁ ବୁଝାଶୁଝା କରି ଅବରୋଧ ହଟାଇବାରେ ସଫଳ ହୋଇଥିଲେ। ପରେ ୫୦ରୁ ଊର୍ଦ୍ଧ୍ୱ ନାଗରିକ କମିଟି ସଦସ୍ୟଙ୍କୁ ଗିରଫ କରାଯାଇଥିଲା। ରେଳବାଇର ଏଆର୍ଏମ୍ ପୀୟୁଷ ଲହେରେ, ଝାରସୁଗୁଡ଼ା ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ତହସିଲଦାର ଦିଲୀପ ପ୍ରଧାନ, ଏସ୍‌ଡିପିଓ ଦିଲୀପ ଦାଶ ଓ ବ୍ରଜରାଜନଗର ଥାନା, ଓରିଏଣ୍ଟ ଥାନା, ରେଲୱେ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଚାଲିଆସୁଥିବା ପୁରୀ-ହରିଦ୍ୱାର ଉତ୍କଳ ଏକ୍ସପ୍ରେସ ରହଣିକୁ ରେଳ କର୍ତ୍ତୃପକ୍ଷ ଏବେ ବ୍ରଜରାଜନଗରରୁ ଉଠାଇ ଦେଇଛନ୍ତି। ଉକ୍ତ ଟ୍ରେନ୍ ରହଣି ପାଇଁ ସର୍ବଦଳୀୟ ନାଗରିକ କମିଟି ତରଫରୁ ରେଳବାଇକୁ ଅବଗତ କରାଯାଇଥିଲା। ହେଲେ କରୋନା ଆଳ ଦେଖାଇ ରେଳ କର୍ତ୍ତୃପକ୍ଷ ନାଗରିକ କମିଟିର ଦାବିକୁ ଖଣ୍ଡନ କରିବା ସହିତ କରୋନା ସ୍ଥିତି ସୁଧୁରିଲେ ପୂର୍ବପରି ଏଠାରେ ସମସ୍ତ ଟ୍ରେନ୍ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନାଗରିକ କମିଟିର ରାଧାକାନ୍ତ ପ୍ରଧାନ, କୁଳମଣି ଦାଶ, ଗୁଡ୍ଡୁ ରାଓଲାନୀ, ସଂଯୁକ୍ତା ମହାପାତ୍ର, ନନ୍ଦକିଶୋର ଅଗ୍ରୱାଲ, ବିଶ୍ୱନାଥ ନାୟକ, ଜୟନ୍ତ ଦୀକ୍ଷିତ, ପ୍ରମୋଦ ପଣ୍ଡା, ଦେବେଶ ପଣ୍ଡାଙ୍କ ସମେତ ୫୦ ଜଣ ସଦସ୍ୟଙ୍କୁ ଗିରଫ କରି ନିଆଯାଇଛି ।

# ଇଲେଭେନ୍ ଷ୍ଟାର କ୍ରିକେଟ: ଆଠପଡ଼ା ଚାମ୍ପିୟନ

**ଦେବଗଡ଼,୨୮।୧(ଡି.ଏନ୍.ଏ.)**

ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଢେଇ ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ତାଳଚେର ଓ ଆଠପଡ଼ା ମଧ୍ୟରେ ହୋଇଥିଲା । ଟସ୍ ଜିତି ତାଳଚେର ପ୍ରଥମେ ବ୍ୟାଟିଂ କରି ୧୬୮ ରନ୍ କରିଥିଲା । ଜବାବରେ ଆଠପଡ଼ା ଦଳ ୨ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିରଭୟତଚି ନାରାୟଣ ବେହେରା, ରାଜ କିଶୋର ପ୍ରଧାନ, ଦୟାନିଧି ବେହେରା, ଗୁଣନିଧି ନାଏକ, କ୍ଷେତ୍ର କୁମାର ପ୍ରଧାନ, ପ୍ରକାଶ ଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ । କ୍ଲବ ସଭାପତି ଟିକୁ ଦ୍ୱିବେଦୀ ଅତିଥି ପରିଚୟ, ହୀରାଲାଲ ସାହୁ ଓ ସନ୍ତୋଷ କୁମାର ସାହୁ ଖେଳ ପରିଚାଳନା କରିଥିଲେ ।

# ହୋମିଓପାଥି ମେଡିକାଲ କଲେଜ କୋଠା ଉଦ୍‌ଘାଟିତ



ସମ୍ବଲପୁର ମାଝିପାଲିଠାରେ ହୋମିଓପାଥି ଡାକ୍ତରଖାନାର ନୂତନ କୋଠା ଉଦ୍‌ଘାଟନ କରାଯାଉଛି ।

**ସମ୍ବଲପୁର,୨୮।୧(ବ୍ୟୁରୋ)**

ସମ୍ବଲପୁର ମାଝିପାଲିଠାରେ ନିର୍ମାଣ ହୋଇଥିବା ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ରିସର୍ଚ୍ଚ ସେଣ୍ଟରର ନୂତନ କୋଠା ଗୁରୁବାର ଉଦ୍‌ଘାଟିତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ସେ କହିଥିଲେ, କଲେଜରେ ସମସ୍ତ ସୁବିଧା ଥିବାରୁ ପଶ୍ଚିମ ଓଡ଼ିଶାବାସୀ ହୋମିଓପାଥି ଚିକିତ୍ସା ସେବା ପାଇପାରିବେ। କଲେଜ ଅଧ୍ୟକ୍ଷ ଡାକ୍ତର ରାଜେନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରି ନାଏକ, ଆୟୁଷ ନିର୍ଦ୍ଦେଶକ ତ୍ରିଲୋଚନ ମାଝି, ପୂର୍ବତନ ସିଡିଏମ୍‌ଓ ବିନୋଦ ବିହାରୀ ନାଏକ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ, ସମ୍ବଲପୁରରେ ୧୯୭୮ରେ ଘରୋଇ ହୋମିଓପାଥି କଲେଜ ଆରମ୍ଭ ହୋଇଥିଲା। ୧୯୮୭ରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ହୋମିଓପାଥି ଡାକ୍ତରଖାନାର ଉଦ୍‌ଘାଟନ କରିଥିଲେ। ପରେ ୧୯୯୨ରେ କଲେଜ ସରକାରୀ ଘୋଷଣା ହୋଇଥିଲା। ମାଝିପାଲିସ୍ଥିତ କଲେଜରେ ପାଠ ପଢାରେ ସୁବିଧା ହେବାରୁ ଡାକ୍ତରଖାନା ଗୋଟିଏ ପରିସରରେ କରିବାକୁ ଯୋଜନା କରାଯାଇଥିଲା।

**ଡିପିଆର ପାଇଁ କୁଳପତିଙ୍କ ଆଲୋଚନା**

# ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଉପରେ ଫୋକସ୍

**ସମ୍ବଲପୁର,୨୮।୧(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାରରେ କୁଳପତି ଭାବେ ଯୋଗଦେବା ପରେ ପ୍ରଫେସର ସଞ୍ଜୀବ ମିତ୍ତଲ ଭିତ୍ତିଭୂମି ସଜାଡିବା ଉପରେ ଫୋକସ୍ କରିଛନ୍ତି। ଗୁରୁବାର ସେ ରାଜ୍ୟ ପୋଲିସ ହାଉସିଂ ବୋର୍ଡ ଅଧିକାରୀମାନଙ୍କ ସହ ବୈଠକ କରି ଆଲୋଚନା କରିଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ୧୨ କି.ମି. ରାସ୍ତାର ଉନ୍ନତୀକରଣ, ୬୦ କର୍ମଚାରୀଙ୍କ କ୍ୱାର୍ଟର୍ସ ନିର୍ମାଣ, ପୁରୁଣା କୋଠାର ମରାମତି, ସୁରକ୍ଷା ଦୃଷ୍ଟିରୁ ଚତୁପାର୍ଶ୍ୱରେ ପ୍ରାଚୀର ନିର୍ମାଣ ଆଦି ଉନ୍ନୟନ କାମ ଯୋଜନା କରାଯାଉଛି। ଏହାକୁ ନେଇ ପ୍ରଫେସର ମିତ୍ତଲ ପୋଲିସ ହାଉସିଂ ବୋର୍ଡ ଅଧିକାରୀଙ୍କୁ ଡିପିଆର ତିଆରି କରିବାକୁ କହିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ୧୯୬୭ ମସିହାରେ ସ୍ଥାପନ ହୋଇଥିଲା। ୬୭୦ ଏକର ନିଜସ୍ୱ ଜମି ରହିଥିଲେ ବି କିଛି ଜମି ଜବରଦଖଲରେ ରହିଛି। ଅନ୍ୟପଟେ ବିଶ୍ୱବିଦ୍ୟାଳୟ ପରିସରରେ କେତେଜଣ ବ୍ୟକ୍ତି ନିଜ ରୟତି ଜମି ଥିବା ଦାବି କରିଆସୁଛନ୍ତି। ବାହାରେ ସେମାନଙ୍କୁ ଜମି ଯୋଗାଇଦେବାକୁ ଆଲୋଚନା ହୋଇଥିଲେ ବି ସାମାଧାନ ହୋଇପାରି ନାହିଁ। କୁଳପତିଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଉଛି। ହେଲେ ଖାଲିପଡିଥିବା ପଦବୀ ପୂରଣ କରିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ହିଣ୍ଡାଲ୍‌କୋରେ ସ୍ଥାୟୀ ନିଯୁକ୍ତି ଦାବିରେ ସ୍ମାରକପତ୍ର

**ସମ୍ବଲପୁର,୨୮।୧(ବ୍ୟୁରୋ)**

ସମ୍ବଲପୁର ହିଣ୍ଡାଲ୍‌କୋରେ ସ୍ଥାୟୀ ନିଯୁକ୍ତି ଦାବି ନେଇ ଗୁରୁବାର ହିନ୍ଦ୍ ମଜଦୁର ସଂଘ ପକ୍ଷରୁ ଆର୍‌ଡିସି ନିରଞ୍ଜନ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଜିଲାରେ ବେକାର ଯୁବତୀଯୁବକ ଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆ ନ ଯାଇ ବାହାର ଲୋକଙ୍କୁ ଦିଆଯାଉଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କଲେ କମ୍ପାନୀ ଧମକ ଚମକ ଦେଉଥିବା ନଜିର ରହିଛି। ହୀରାକୁଦ ସହରରେ ପ୍ରାୟ ୪୦ ହଜାର ଜନବସତି ରହିଛି। ହେଲେ କମ୍ପାନୀ ପକ୍ଷରୁ ସେମାନଙ୍କ ପିଲାମାନଙ୍କ କୌଣସି ସୁବିଧା କରାଯାଉ ନାହିଁ। ଡାକ୍ତରଖାନା ନବୀକରଣ ସହ ଆଇସିୟୁ ଆମ୍ବୁଲାନ୍ସ ଯୋଗାଣ, ରେମଡେ-ହୀରାକୁଦ ରାସ୍ତାର ଦୋହରୀକରଣ ଓ ଲାଇଟ୍ ବ୍ୟବସ୍ଥା, ଆହାର କେନ୍ଦ୍ର ଖୋଲିବାକୁ ଦାବି କରାଯାଇଛି। ସଂଘର ଆବାହକ ସଞ୍ଜୀତ ମହାନ୍ତି, ଉପ ସାଧାରଣ ସମ୍ପାଦକ ଗୋକୁଲ ମେହେର, ମହମ୍ମଦ ମୁର୍ତ୍ତୁଜା, ଦେବଜ୍ୟୋତି ପଟ୍ଟନାୟକ, ଧୀରେନ୍ଦ୍ର ଦେବତା, ଚୁମନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଆର୍‌ଡିସିଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି ସଂଘ କର୍ମକର୍ତ୍ତା ।

# ଆଇନଜୀବୀଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର

**ଲଖନପୁର,୨୮।୧(ଡି.ଏନ୍.ଏ.)**



ମଞ୍ଚରେ ସ୍ୱାସ୍ଥ୍ୟମନ୍ତ୍ରୀ ନିଜର ଅଭିଭାଷଣ ରଖୁଛନ୍ତି।

**ଝାରସୁଗୁଡା କୋର୍ଟର ବାର୍ଷିକୋତ୍ସବ**

ଝାରସୁଗୁଡା ଜିଲା ବାର୍ ଆସୋସିଏଶନ ତରଫରୁ ଗୁରୁବାର କୋର୍ଟର ୩୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଇନଜୀବୀ ଦୀନେଶ ଜୈନଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ଜିଲାପାଳ ସରୋଜ କୁମାର ସାମଲ, ଜିଲା ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ, ଏଡିଜେ ହରପ୍ରସାଦ ପଟ୍ଟନାୟକ, ସିଜେଏମ୍ ପ୍ରଦୀପ କୁମାର ସାମଲ, ରେଜିଷ୍ଟ୍ରାର୍ ଗୋପବନ୍ଧୁ ଗଡନାୟକ, ଡିଏଲ୍‌ଏସ୍‌ଏ ଜାନକୀ ବିଶ୍ୱାଳ, ସିନିୟର ସିଭିଲ୍ ଜଜ୍ ସ୍ୱପ୍ନାଶ୍ରୀ ନାୟକ, ଏସ୍‌ଡିଜେଏମ୍ ସୁନନ୍ଦା ସାହୁ, ସିଭିଲ୍ ଜଜ୍ ଜେଏମ୍‌ଏଫ୍‌ସି ରୋଶଣୀବାଳା ସେନାପତି, ଜେଏମ୍‌ଏଫ୍‌ସି ପୂଜା ଜୈନ, କୋର୍ଟ ମ୍ୟାନେଜର ମନ୍‌ମିତ୍ ସିଂହ ଆରୋରା, ବାର୍ ଆସୋସିଏଶନ୍ ସମ୍ପାଦକ ମନିଷ ବାଜପେୟୀ, କୋଷାଧ୍ୟକ୍ଷ ରାକେଶ ପାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲା ବାର୍ ଆସୋସିଏଶନ୍ ସଭାପତି ତ୍ରିନାଥ ଗୁଆଲ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ପ୍ରଶାନ୍ତ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ । ସାମାଜିକ ଜୀବନରେ ଲୋକଙ୍କୁ ନ୍ୟାୟ ଦେବାରେ ଆଇନଜୀବୀଙ୍କ ଭୂମିକା ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିମାନେ ନିଜ ନିଜର ମତ ରଖିଥିଲେ। ଜିଲାର ଲଖନପୁର, ଲଇକେରା ଓ କିର୍ମିରା ବ୍ଲକ୍‌ରେ ୩ଗୋଟି ନୂଆ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ପାଇଁ ନିର୍ଦ୍ଦେଶ ରହିଛି। ଏଥିପାଇଁ ଭିତ୍ତିଭୂମିର ଆବଶ୍ୟକତା ରହିଛି । ଏ ନେଇ ଜିଲାଜଜ୍ ଜିଲାପାଳ ସାମଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ଜିଲା ଖଣିଜ ପାଣ୍ଠିରୁ ନୂଆକୋର୍ଟ ନିକଟରେ ବାର୍ ଗୃହ, ଲାଇବ୍ରେରି ଆଦି ସୁବିଧା ଯୋଗାଇଦେବା ପାଇଁ ବାର୍ ଆସୋସିଏଶନ୍ ତରଫରୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବାର୍ ଆସୋସିଏଶନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶେଷରେ ଆସୋସିଏଶନ ଉପସଭାପତି ଲକ୍ଷ୍ମୀ ଚନ୍ଦ୍ର ପାଲ ଧନ୍ୟବାଦ ଦେଇଥିଲେ ।



ଦକ୍ଷିଣ ଭାରତୀୟ ଫିଲ୍ମ ସୁପରଷ୍ଟାର କମଲ ହାସନଙ୍କ ଝିଅ ତଥା ଅଭିନେତ୍ରୀ ଶ୍ରୁତି ହାସନ ଗୁରୁବାର ତାଙ୍କ ୩୫ ତମ ଜନ୍ମଦିନ ପାଳନ କରିଛନ୍ତି। ଏଥିସହ ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଘୋଷଣା କରାଯାଇଛି। 'ବାହୁବଳୀ' ଷ୍ଟାର ପ୍ରଭାସଙ୍କ ଆଗାମୀ ମେଗା ପ୍ରୋଜେକ୍ଟ 'ସଲାର'ରେ ଶ୍ରୁତି କାମ କରିବେ ବୋଲି ଏହାର ନିର୍ମାତା ପ୍ରକାଶ କରିଛନ୍ତି।



# ସାଇକିରେ ସୁନା ଭଣ୍ଡାର

**ସୁନା ଏବଂ ଏଥିରୁ ତିଆରି ଅଳଙ୍କାରକୁ ନେଇ ମଣିଷ ଭିତରେ ରହିଆସିଛି ଅହେତୁକ ଆକର୍ଷଣ। ପ୍ରକୃତି ଦତ୍ତ ଏହି ମୂଲ୍ୟବାନ ପଦାର୍ଥ ଧୀରେ ଧୀରେ ଶେଷ ହେବାକୁ ବସିଲାଣି। ମାତ୍ର କେଇଟା ବର୍ଷ ଭିତରେ ଏହା ପୃଥିବୀରୁ ସରିଯିବ। ଏପରି ସମୟରେ କ୍ଷୁଦ୍ର ଗ୍ରହ ୧୬-ସାଇକିକୁ ନେଇ ଏକ ରୋଚକ ତଥ୍ୟ ପଦାକୁ ଆସିଛି। ଏହି ଗ୍ରହରେ ସୁନାର ଅମାପ ଭଣ୍ଡାର ଥିବା ମହାକାଶ ବିଜ୍ଞାନୀମାନେ ଜାଣିବାକୁ ପାଇଛନ୍ତି।**



**ୱାଶିଂଟନ:** ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ସେଟଲମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଡିସ୍‌ପ୍ୟୁଟ୍ସ (ଆଇସିଏସ୍ଆଇଡି) ପାକିସ୍ତାନର ବେଲୁଚିସ୍ତାନସ୍ଥିତ ରେକୋ ଡିକ୍ ଖାଦାନକୁ ରଦ୍ଦ କରିଛି। ଏଥିସହ ପାକିସ୍ତାନ ଉପରେ ମୋଟା ଅଙ୍କର ଜରିମାନା ଲଗାଇଛି। ଏହି ଖାଦାନ ୫୦ ବର୍ଷ ଯାଏ ସୁନା ଉତ୍ପାଦନ କରିବାକୁ ସକ୍ଷମ ବୋଲି ଆକଳନ କରାଯାଇଛି, ଯାହାକୁ ନେଇ ପାକ୍ ସରକାର ବେଶ୍ ଉତ୍ସାହିତ ଅଛନ୍ତି। ଏହାକୁ ବାଦ୍ ଦେଲେ ପୃଥିବୀର ଅଧିକାଂଶ ସୁନା ଖଣି ଏବେ ଖାଲି ହୋଇସାରିଲାଣି। ଫଳରେ ସୁନା ଚାହିଦା ମେଣ୍ଟାଇବା ଲାଗି ବୈଜ୍ଞାନିକମାନେ ଏବେ ମହାକାଶର ଉତ୍ସ ଉପରେ ନଜର ପକାଇଛନ୍ତି।

ସୁନା ଭଳି ପ୍ରାକୃତିକ ସମ୍ପଦର ମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି, ଯାହାକୁ 'ଗୋଲ୍ଡ ପିକ୍' କୁହାଯାଏ। ଅର୍ଥାତ୍ ଏହାପରେ ସୁନାର ଭଣ୍ଡାର ଶେଷ ହୋଇଯିବ। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ (ଡବ୍ଲ୍ୟୁଜିସି)ର ଏକ ରିପୋର୍ଟ ଅନୁଯାୟୀ ୨୦୧୯ରେ ସାରା ପୃଥିବୀର ବିଭିନ୍ନ ଖଣିରୁ ହାରାହାରି ୩,୫୩୧ ଟନ୍ ସୁନା ବାହାର କରାଯାଇଛି। ସୁନା ଖନନ କରୁଥିବା କମ୍ପାନୀଗୁଡ଼ିକ ମତରେ ପୃଥିବୀର ମୋଟ ସୁନାର ତିନି ଚତୁର୍ଥାଂଶରୁ ଅଧିକ ବାହାର ହୋଇସାରିଛି। ସେଗୁଡ଼ିକ ଘରେ ଏବଂ ବ୍ୟାଙ୍କରେ ରହିଛି। ମାତ୍ର ଏକ ଚତୁର୍ଥାଂଶ ସୁନା ଗଚ୍ଛିତ ରହିଛି, ଯାହାର ପରିମାଣ ଆନୁମାନିକ ୫୪,୦୦୦ ଟନ୍।

କ୍ରମାଗତଭାବେ ହ୍ରାସ ପାଉଥିବା ସୁନା ଉତ୍ତୋଳନକୁ ନେଇ ୨୦୧୮ରୁ ଚିନ୍ତା ବ୍ୟକ୍ତ କରି ଆସୁଛନ୍ତି ଖନନ କମ୍ପାନୀ। ନ୍ୟୁମୋଣ୍ଟ ଗୋଲ୍ଡକର୍ପ, ବାରିକ୍ ଗୋଲ୍ଡ କର୍ପୋରେଶନ, କିନ୍‌ରସ ଗୋଲ୍ଡ କର୍ପୋରେଶନ ଭଳି ବଡ଼ ବଡ଼ କମ୍ପାନୀ ସୁନା ଭଣ୍ଡାର କମୁଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଅପରପକ୍ଷେ ଦୁନିଆର ଅର୍ଥନୀତି ଉତ୍ଥାନ ପତନ ହେଲେ ସୁନା ମହଜୁଦ୍ ଉପରେ ଗୁରୁତ୍ୱ ଦିଆଯାଏ। ବ୍ୟବସାୟରେ ମଧ୍ୟ ସୁନା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ପୃଥିବୀରୁ ସୁନା ସରିଗଲେ ଏହାର ପ୍ରଭାବ ଅର୍ଥନୀତି ଉପରେ ପଡ଼ିବ। ତେଣୁ ମହାକାଶରୁ ସୁନା ଆଣିବା ଲାଗି ଏବେ ଆଶା ବାନ୍ଧିଛନ୍ତି ମହାକାଶ ବିଜ୍ଞାନୀ। ଏଭଳି ସ୍ଥିତିରେ ମଙ୍ଗଳ ଏବଂ ବୃହସ୍ପତି ମଧ୍ୟରେ ଥିବା ୧୬-ସାଇକି ନାମକ କ୍ଷୁଦ୍ର ଗ୍ରହକୁ ନେଇ ଆଶାସଞ୍ଚାର ହୋଇଛି। ଉକ୍ତ ଗ୍ରହରୁ ପୃଥିବୀକୁ ସୁନା ଅଣାଯାଇପାରିଲେ ପ୍ରତି ବ୍ୟକ୍ତି କୋଟିପତି ହୋଇଯିବେ ବୋଲି ମହାକାଶ ବିଜ୍ଞାନୀ କହିଛନ୍ତି।

ସୁନା, ପ୍ଲାଟିନମ, ଆଇରନ ଏବଂ ନିକେଲ ଭଳି ମୂଲ୍ୟବାନ ଧାତୁର ସଂରଚନାରେ ଗଠିତ ସାଇକି-୧୬। ଏହାର ବ୍ୟାସ ୨୨୬ କିଲୋମିଟର। ଏଥିରୁ ଏହି ଗ୍ରହ କେତେ ଦୁର୍ମୂଲ୍ୟ ତାହା ସହଜରେ ଅନୁମେୟ। ଏକ ବ୍ରିଟିଶ ଗଣମାଧ୍ୟମ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଯଦି ଏହି ଗ୍ରହରୁ ସବୁ ଧାତୁ ପୃଥିବୀକୁ ଅଣାଯାଏ ତେବେ ପ୍ରତି ବ୍ୟକ୍ତିଙ୍କ ପାଖରେ ହାରାହାରି ୯୬୨୧ କୋଟି ଟଙ୍କାର ସମ୍ପତ୍ତି ଥିବ। ଏହା କେବଳ ଉକ୍ତ ଗ୍ରହରେ ଗଚ୍ଛିତ ଲୁହାର ମୂଲ୍ୟକୁ ଆକଳନ କରି କୁହାଯାଇଛି। ସୁନା, ପ୍ଲାଟିନମ୍ ଏବଂ ନିକେଲକୁ ମିଶାଇଲେ ଏହା ମୂଲ୍ୟ ଅନେକ ଗୁଣ ବଢ଼ିଯିବ। ତେବେ ଏହା ଆଣିବା ଦ୍ୱାରା ପୃଥିବୀର ସୁନା ଇଣ୍ଡଷ୍ଟ୍ରୀ ଗଭୀର ଭାବେ ପ୍ରଭାବିତ ହେବ ବୋଲି ଅନେକେ ଚେତାବନୀ ଦେଇଛନ୍ତି।

ଏଭଳି କଳ୍ପନା ଜଳ୍ପନା ଭିତରେ ୨୦୨୨ରେ ଏହି କ୍ଷୁଦ୍ର ଗ୍ରହ ଉପରେ ଅଧିକ ଯାଞ୍ଚ କରିବାକୁ ନାସା ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ ବୋଲି ଘୋଷଣା କରାଯାଇଛି, ଯାହାର ନାମ 'ଡିସ୍କଭରି ମିଶନ'। ନାସା ୨୦୨୬ ସୁଦ୍ଧା ସାଇକିରେ ପହଞ୍ଚିବାକୁ ଯୋଜନା ରଖିଛି। ଏହି ଗ୍ରହରୁ ସୁନା ଆଣିବା ଦ୍ୱାରା ବିଶ୍ୱ ଅର୍ଥନୀତିରେ ଭୂକମ୍ପ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହା ଅଣାଯାଇ ପାରିବ କି ନାହିଁ ତାହା ମଧ୍ୟ ସନ୍ଦିହାନ। ତଥାପି ଅନେକ ବଡ଼ ବଡ଼ କମ୍ପାନୀ ଏହି ମିଶନରେ ଆଗୁଆ ଅର୍ଥ ବିନିଯୋଗ କରିବାକୁ ଅଣ୍ଟା ଭିଡ଼ି ସାରିଲେଣି।









# ଗାଁର ପ୍ରତି ଘରେ ଯବାନ



**ହାଇଦ୍ରାବାଦ:** ଜାତି, ଧର୍ମ, ବର୍ଣ୍ଣ ସବୁଠୁ ଊର୍ଦ୍ଧ୍ୱରେ ରହିଛି ଦେଶଭକ୍ତି। ଆଉ ଏହା ସମ୍ଭବ କେବଳ ଆମ ଦେଶରେ। ବିଭିନ୍ନ ଧର୍ମର ଲୋକେ ବସବାସ କରୁଥିଲେ ବି ଦେଶଭକ୍ତିର ଭାବନା ରହିଛି ସମସ୍ତଙ୍କ ମନରେ। ଏହାର ଏକ ଉଦାହରଣ ଆନ୍ଧ୍ରପ୍ରଦେଶ ପ୍ରକାଶମ୍ ଜିଲାର ମାଲ୍ଲାରେଡିପଲ୍ଲୀ ଗାଁ। ଏହି ଗାଁଟି ମୁସଲିମ୍ ବହୁଳ ହୋଇଥିଲେ ବି ପ୍ରତିଘରୁ ଜଣେ ଜଣେ ସାମିଲ ହୋଇଛନ୍ତି ସେନାରେ।

ମୁସଲମାନ ହୋଇ ବି ମାଲ୍ଲାରେଡିପଲ୍ଲୀ ଗାଁର ପ୍ରତି ପରିବାରରୁ ଜଣେ ଲେଖାଏଁ ସାମିଲ ହୋଇଛନ୍ତି ଭାରତୀୟ ସେନାରେ। ଦେଶର ସୁରକ୍ଷା ପାଇଁ ଏହି ଗାଁର ଯୁବକମାନେ ସୀମାରେ ଶତ୍ରୁମାନଙ୍କ ସହିତ ଲଢ଼ନ୍ତି। ଗାଁର ପ୍ରତ୍ୟେକ ଯୁବକଙ୍କ ପାଖରେ ସେନାରେ ସାମିଲ ହେବା ପାଇଁ ଛୋଟବେଳରୁ ଏକ ସ୍ୱପ୍ନ ରହିଥାଏ। ଏଥିପାଇଁ ସେମାନେ ଶୈଶବରୁ ଖୁବ୍ ପରିଶ୍ରମ କରି ନିଜକୁ ପ୍ରସ୍ତୁତ କରିଥାଆନ୍ତି। ଗାଁରେ ଏବେ ଏମିତି ଅନେକ ଯବାନ ଅଛନ୍ତି, ଯେଉଁମାନେ ଭାରତ-ପାକିସ୍ତାନ ଯୁଦ୍ଧ, କାର୍‌ଗିଲ୍ ଯୁଦ୍ଧ କିମ୍ବା ଭାରତ-ଚାଇନା ଯୁଦ୍ଧରେ ଶତ୍ରୁର ମୁକାବିଲା କରିଛନ୍ତି। ଗାଁରେ ପ୍ରତି ପରିବାର ନିଜ ନିଜ ପିଲାମାନଙ୍କୁ ଯବାନ ହେବା ପାଇଁ ଛୋଟବେଳରୁ ପ୍ରେରଣା ଦେଇଥା'ନ୍ତି। ଏମିତିକି ଅନେକ ଯୁବକ ଉଚ୍ଚଶିକ୍ଷା ଲାଭ କରିବା ପରେ ସେନାରେ ସାମିଲ ହେବା ପାଇଁ ଇଚ୍ଛା ପ୍ରକାଶ କରିଥା'ନ୍ତି। ଭାରତମାତାର ସେବା କରିବା ପାଇଁ ଗାଁ ଲୋକଙ୍କ ଦୃଢ଼ ମନୋବଳ ଦେଖିଲେ ସତରେ ଆଶ୍ଚର୍ଯ୍ୟ ଲାଗିଥାଏ।

# ସ୍ୱାସ୍ଥ୍ୟ ସୂଚନା ଦେବ ରୋବୋ

**ନୂଆଦିଲ୍ଲୀ:** ତାଙ୍କ ଜେଜେମା' ଥିଲେ ଅଲ୍‌ଜାଇମର୍ ରୋଗୀ। ସବୁ କଥା ଭୁଲି ଯାଉଥିବାରୁ ତାଙ୍କ ପାଖେପାଖେ ଜଣେ ଆଟେଣ୍ଡାଣ୍ଟ ରହିବାକୁ ପଡୁଥିଲା। ଜେଜେମା'ଙ୍କ ଅସୁବିଧା ଦୂର କରିବା ପାଇଁ ସେ ତିଆରି କରିଦେଲେ ଏକ ଛୋଟ ରୋବୋ, ଯାହାକୁ ହାତରେ ଘଣ୍ଟା ଭଳି ପିନ୍ଧି ରୋଗୀଙ୍କ ସମ୍ବନ୍ଧରେ ସବୁକିଛି ସହଜରେ ଜାଣିହେବ। ଏତେ କମ୍ ବୟସରୁ ଏଭଳି ଏକ ରୋବୋ ତିଆରି କରିପାରିଥିବାରୁ ତାଙ୍କୁ ମିଳିଛି ବାଳ ଶକ୍ତି ପୁରସ୍କାର। ଏହି ସ୍ୱତନ୍ତ୍ର ଧରଣର କୁନି ପ୍ରତିଭା ହେଉଛନ୍ତି ହିମେଶ ଚଡ୍ଢାଲାୱାଡା।



ଚଡ୍ଢାଲାୱାଡାଙ୍କର ପିଲାବେଳରୁ କିଛି ନୂଆ କରିବା ପାଇଁ ସ୍ୱତନ୍ତ୍ର ଆଗ୍ରହ ରହିଥିଲା। ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ଛୋଟଛୋଟ ରୋବୋ ଏବଂ କାର୍ ତିଆରି କରିବାରେ ସକ୍ଷମ ହୋଇଥିଲେ। ତେବେ ସେ ତିଆରି କରିଥିବା ରୋବୋ ମାଧ୍ୟମରେ ଦୈନନ୍ଦିନ ଜୀବନର ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ। ସେ ଦେଖିଥିଲେ କି ତାଙ୍କ ଘରେ ତାଙ୍କ ଜେଜେମା' ଅଲଜାଇମର ରୋଗରେ ପଡ଼ି ସବୁ ଭୁଲି ଯାଉଥିଲେ। ଏମିତିକି ବେଳେବେଳେ ଘରୁ ବାହାରି ବିଭିନ୍ନ ସ୍ଥାନକୁ ଚାଲି ଯାଉଥିଲେ। ଏହି ସମସ୍ୟାର ସମାଧାନ ନିମନ୍ତେ ସେ ଏକ ଛୋଟ ରୋବୋ ବାହାର କରିବାକୁ ସକ୍ଷମ ହୋଇଛନ୍ତି। ଏହି ରୋବୋକୁ ହାତଘଣ୍ଟା ଭଳି ହାତରେ ଲଗାଇ ହେବ। ଫଳରେ ସମ୍ପୃକ୍ତ ରୋଗୀଙ୍କର ପ୍ରତିଦିନ ହାର୍ଟ, ବ୍ଲଡପ୍ରେସର ଚେକ୍‌ଅପ୍ କରିବା ସହିତ ରୋଗୀ ସମ୍ପର୍କରେ ତାଙ୍କ ସମ୍ପର୍କୀୟଙ୍କୁ ସବୁ ସୂଚନା ମିଳିପାରିବ। ମୋବାଇଲ ଆପ୍ ମାଧ୍ୟମରେ ଏହି ରୋବୋ ପ୍ରତି ମୁହୂର୍ତ୍ତରେ ଖବର ଦେଇପାରିବ। ଏମିତିକି ରୋଗୀଙ୍କୁ କେତେବେଳେ ଡାକ୍ତରଙ୍କ ପାଖକୁ ନେବାକୁ ହେବ ସେନେଇ ମଧ୍ୟ ରୋବୋ ଠିକ୍ ସମୟରେ ସତର୍କ କରାଇଦେବ। ଏଭଳି ଏକ ସୁନ୍ଦର ଡିଭାଇସ୍ ଉଦ୍ଭାବନ କରିପାରିଥିବାରୁ ହିମେଶଙ୍କୁ ସମସ୍ତେ ପ୍ରଶଂସା କରିବା ସହିତ ତାଙ୍କର ଏଭଳି କୃତିତ୍ୱ ନିମନ୍ତେ ତାଙ୍କୁ ବାଳ ଶକ୍ତି ପୁରସ୍କାର ପ୍ରଦାନ କରାଯାଇଛି।



# ବିବାହ କରିବେ ଐଶ୍ୱର୍ଯ୍ୟା

**ମୁମ୍ବାଇ:** ରିଲ ନାୟିକାରୁ ରିୟଲ ନାୟିକା। ଏପରି କିଛି ଘଟିଛି ଟେଲି ଧାରାବାହିକ 'ଗୁମ ହେ କିସି କେ ପ୍ୟାର୍ ମେ'ର ଅଭିନେତ୍ରୀ ଐଶ୍ୱର୍ଯ୍ୟା ଶର୍ମାଙ୍କ କ୍ଷେତ୍ରରେ। ଅଭିନେତା ନୀଲ ଭଟ୍ଟଙ୍କ ସହ ସେ ନିର୍ବନ୍ଧ କରି ନେଇଛନ୍ତି। ସୋସିଆଲ ମିଡିଆରେ ଐଶ୍ୱର୍ଯ୍ୟା ଫଟୋ ଶେୟାର କରି ପ୍ରଶଂସକଙ୍କୁ ଖୁସି ଖବର ଶୁଣାଇଛନ୍ତି। ଶୁଟିଂ ସେଟ୍‌ରେ ନୀଲ-ଐଶ୍ୱର୍ଯ୍ୟା ପରସ୍ପରଙ୍କୁ ଭେଟିଥିଲେ। ଧୀରେ ଧୀରେ ବନ୍ଧୁତା ଆଉ ପରେ ପ୍ରେମ ପର୍ଯ୍ୟନ୍ତ ଯାଇଥିଲା କଥା। ଏବେ ଉଭୟ ନିଜ ସମ୍ପର୍କକୁ ଅଫିସିଆଲ କରିଦେଇଛନ୍ତି। ପରସ୍ପର ସହ ରହିବାକୁ ଭଲ ଲାଗୁଛି। ପ୍ରଥମରୁ ହିଁ ସମ୍ପର୍କ କିଛି ଅଲଗା ଭଳି ଲାଗିଥିଲା। ହେଲେ ଆମେ ଦୁହେଁ ଚୁପ ଥିଲୁ ବୋଲି ଐଶ୍ୱର୍ଯ୍ୟା କହିଛନ୍ତି। ଠିକ ସମୟକୁ ଅପେକ୍ଷା କରି ଥିଲୁ ବୋଲି ସେ କହିଛନ୍ତି। ଚଳିତ ବର୍ଷ ଉଭୟ ବିବାହ କରିବାକୁ ଯାଉଛନ୍ତି। ସମୟ ଆସିଲେ ଉଭୟ ବିବାହ ତାରିଖ ଘୋଷଣା କରିବେ ବୋଲି ସେ ମଧ୍ୟ କହିଛନ୍ତି। ପ୍ରକାଶ ଥାଉ କି, ସେ ଷ୍ଟାରପ୍ଲସରେ ସିରିୟଲ କରିବା ସହ ମାକ୍ସ ପ୍ଲେୟାର ଓରିଜିନାଲରେ ତାଙ୍କର ଏକ ରୋମାଣ୍ଟିକ ୱେବସିରିଜ ପ୍ରସାରିତ ହୋଇଛି। ଯାହାର ନାଁ ହେଲା 'ମାଧୁରୀ ଟକିଜ୍'। ଏଥିରେ ତାଙ୍କ ଅପୋଜିଟ୍‌ରେ ସାଗର ୱାହି ମୁଖ୍ୟଭୂମିକାରେ ଅଛନ୍ତି।

# ପାକିସ୍ତାନ ଆକାଶରେ ଅଜବ ଦୃଶ୍ୟ



**ଇସଲାମାବାଦ:** ପାକିସ୍ତାନର ଜଣେ ପାଇଲଟ ଆକାଶରେ ଏକ ଅଜବ ଦୃଶ୍ୟ ଦେଖିଥିବା କହିଛନ୍ତି। ସେ ଏଲିଅନଙ୍କୁ ଦେଖିଥିବା ଦାବି କରିଛନ୍ତି। ଏହି ଖବର ପାକିସ୍ତାନୀ ମିଡିଆରେ ଚର୍ଚ୍ଚା ହେଉଛି। ଏହି ଦୃଶ୍ୟର ଭିଡିଓ ମଧ୍ୟ ସେ ପ୍ରସ୍ତୁତ କରିଛନ୍ତି। ପାକିସ୍ତାନ ଇଣ୍ଟନ୍ୟାଶନାଲ ଏୟାରଲାଇନ୍ସ ପାଇଲଟ ରହିମ ଏୟାରବେସ୍‌ରୁ ଏ-୩୨୦ ବିମାନ ନେଇ ଲାହୋରରୁ କରାଚି ଯାଉଥିବା ସମୟରେ ସେ ଅଜବ ଦୃଶ୍ୟ ଦେଖିବାକୁ ପାଇଥିଲେ। ସେ କୁହନ୍ତି, ସୂର୍ଯ୍ୟଙ୍କ କିରଣରେ ଏଭଳି ବସ୍ତୁ ଦେଖିବାକୁ ମିଳିଥିଲା। ଏହା ଏକ କୃତ୍ରିମ ଉପଗ୍ରହ ପରି ଦେଖାଯାଉଥିଲା। ଏହା ଦେଖିବା ପରେ ସେ ତୁରନ୍ତ କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେବା ସହ ଏହାର ଭିଡିଓ ପ୍ରସ୍ତୁତ କରିଥିଲେ। ତେବେ ପ୍ରକୃତରେ ତାହା କ'ଣ ଥିଲା ଜଣାପଡିନାହିଁ। ଏହି ଘଟଣାର ଯାଞ୍ଚ ଚାଲିଛି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନିତ୍ୟାନନ୍ଦ ମହାନ୍ତି
ତୈଲୋକ ଭବନ, ଅଣ୍ଡିଲୋ, ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୪୭
ତିରୋଧାନ: ୧୯।୦୧।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଗୌରାଙ୍ଗ, ପ୍ରେମାନନ୍ଦ, ଜକି, ବାପୁ, ଲୁବୁଲି, ଟିକିଲି, ବାବୁଲି ଓ ବନ୍ଧୁ ପରିବାରବର୍ଗ ।
ଧ-୪୬୨୯୪

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା କୁମାରୀ ଶୁଭଶ୍ରୀ ବିନ୍ଧାଣୀ
ଆବିର୍ଭାବ: ୦୧।୦୧।୨୦୧୦
ତିରୋଧାନ: ୧୮।୦୧।୨୦୨୧
ଚାହୁଁ ଚାହୁଁ ବାର ଦିନ ବିତିଗଲା। ହେଲେ ତୁମର ମୃତ୍ୟୁ ରହସ୍ୟ ହୋଇ ରହିଗଲା। ଆମର ସମସ୍ତଙ୍କ ହୃଦୟରେ ସବୁଦିନ ପାଇଁ ସ୍ମୃତିହୋଇ ରହିଗଲା, ତୁମର ସେଇ ହସହସ ମୁହଁ ସବୁବେଳେ ମନେ ପଡୁଅଛି ସାଙ୍ଗ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ତୁମର ସମସ୍ତ ସ୍କୁଲ ସାଙ୍ଗ
ଗୌନ୍ତିଆପଡ଼ା ଉ:ପ୍ରା: ବିଦ୍ୟାଳୟ
ଧ-୧୯୭୫୫

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଅର୍ଜୁନ ଚରଣ ବାରିକ
କୋରକୋରା, ଭଦ୍ରକ
ଆବିର୍ଭାବ: ୨୦।୦୧।୧୯୧୭
ତିରୋଧାନ: ୨୯।୦୧।୨୦୧୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବିପିନ୍, ନିରଞ୍ଜନ, କାର୍ତ୍ତିକ ଓ ପରିବାରବର୍ଗ ।
ସମାଜସେବୀ ଓ ଅନୁଷ୍ଠାନପ୍ରେମୀ।
ଧ-୧୯୭୫୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ବୈଦେହୀ ସ୍ୱାଇଁ
ନିଉ ଫରେଷ୍ଟ ପାର୍କ, ଭୁବନେଶ୍ୱର
ଆବିର୍ଭାବ- ୨୪.୧୨.୧୯୫୬
ତିରୋଧାନ- ୧୦.୦୧.୨୦୨୦
ଆପଣ ଯେଉଁଠି ଥାଆନ୍ତୁ ଖୁସିରେ ଥାଆନ୍ତୁ। ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ପ୍ରାର୍ଥନା କରୁଛୁ ।
-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-
ଆପଣଙ୍କ ହତଭାଗ୍ୟ ବଂଶିକା, ରିସିରାଜ, ଗାରଗୀ, ଆଞ୍ଜେଲ, ପୂଜା, ବେବି, ରଶ୍ମି, ପୁଷ୍ପା, ଗୋପ, ଛବି ଓ ବନ୍ଧୁ ପରିବାରବର୍ଗ ।
ଧ-୨୦୫୧୩

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପୋଥାଳ
(ଶ୍ୟାମଦାଶପୁର, କୁଜାହାଳା, ଯାଜପୁର)
ତିରୋଧାନ: ୨୯।୦୧।୨୦୧୬
ଆପଣଙ୍କର ପବିତ୍ର ଏବଂ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆପଣଙ୍କର ପୂଜିତ ପ୍ରଭୁ ଗୋବିନ୍ଦ ଏବଂ ଗିରିଧାରୀଙ୍କ ପାଖରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଝିଅ: ଚଗଲି (ଲିଲି), ଜ୍ୱାଇଁ: ହୃଷୀକେଶ, ନାତି: ସୁନ୍ତୁ, ନାତୁଣୀ: ଲିସି ।
ଧ-୬୫୯୧୦

ଏକାଦଶାହ ଉପଲକ୍ଷେ



✓ କାଳନ୍ଦୀ ଚରଣ ଜେନା
ଛଣଘର, ସାତସଙ୍ଖ, ପୁରୀ
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଏବଂ ଭଲପାଇବା ସଦା ସର୍ବଦା ଆମ୍ଭମାନଙ୍କର ଚିରସ୍ମରଣୀୟ ହୋଇ ରହିଥାଉ।
ଶୋକସନ୍ତପ୍ତ :
ପତ୍ନୀ-ଉର୍ମିଳା, ପୁତ୍ର-ଦେବାଶିଷ, ଝିଅ - ନିବେଦିତା
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୯୭୫୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଡକ୍ଟର ପୂର୍ଣ୍ଣ ଚନ୍ଦ୍ର ସାହୁ
(ବିଶିଷ୍ଟ ଶଲ୍ୟ ବିଶେଷଜ୍ଞ ତଥା ଏମକେସିଜି ମେଡ଼ିକାଲ କଲେଜର ପ୍ରାକ୍ତନ ଅଧୀକ୍ଷକ)
ବାଦାମବାଡ଼ି, କଟକ
ଆବିର୍ଭାବ : ୧୭.୦୯.୧୯୪୨
ସ୍ୱର୍ଗବାସ : ୧୯.୦୧.୨୦୨୧
ଆପଣଙ୍କ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା, ପରୋପକାରୀତା, ସମାଜସେବା ଆମ ପ୍ରେରଣାର ଉତ୍ସ ହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୧୯୭୫୮

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର
ଇଚ୍ଛାବତୀପୁର ଶାସନ (ରଡାଙ୍ଗି), ଢେଙ୍କାନାଳ
ତୃତୀୟ ବାର୍ଷିକ ଶ୍ରାଦ୍ଧ ଅବସରରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି
-:ଶୋକସନ୍ତପ୍ତ:-
ଟୁପସି, ମଞ୍ଜୁ, ସଞ୍ଜୁ, ରଞ୍ଜୁ, ଅମ୍ବୁଜ, ଭାରତୀ, ସିଦ୍ଧାନ୍ତ ।
ଧ-୨୦୩୧୨

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ସୁପ୍ରଭା ସ୍ୱାଇଁ
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ)
ବାଙ୍କିସାହି, କଟକ
ଆବିର୍ଭାବ: ୨୮।୦୮।୧୯୪୦
ତିରୋଧାନ: ୦୨।୦୧।୨୦୧୮ (ମାଘ ପ୍ରତିପଦା)
ଆଜିକୁ ଠିକ୍ ତିନିବର୍ଷ ପୂର୍ବେ ତମେ ଆମକୁ ଶୋକସାଗରରେ ଭସାଇଦେଇ ସବୁଦିନ ପାଇଁ ଚାଲିଗଲ ଅଫେରା ପଥରେ। ତମର ଅନୁପସ୍ଥିତିକୁ ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତମର ସ୍ନେହବୋଳା କଥା, ମମତା ଓ ଶ୍ରଦ୍ଧା ଆମ ହୃଦୟରେ ଚିରକାଳ ଅମଳିନ ସ୍ମୃତିହୋଇ ରହିବ। ତୁମର କର୍ତ୍ତବ୍ୟପରାୟଣତା, ନୀତି, ଆଦର୍ଶ, ସଂସ୍କାର ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣ ଯେଉଁଠି ବି ଥାଆନ୍ତୁ ସୁଖ ଓ ଶାନ୍ତିରେ ଥାଆନ୍ତୁ। ତମର ଆଶୀର୍ବାଦ ସର୍ବଦା ଆମମାନଙ୍କ ପ୍ରତି ରହିଥାଉ। ତମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ଆଦିତ୍ୟ, ଆଲୋକ, ବୋହୂ: ପ୍ରଜ୍ଞା, ସୁସ୍ମିତା, କନ୍ୟା: ଜ୍ୟୋତି, ଯୁଗଜ୍ୟୋତି, ଜାମାତା: ଦେବ୍, ଅସୀମ, ନାତୁଣୀ: ଆଦ୍ୟାଶା, ସାଇଅଂଶିକା, ଆୟୁଷୀ, ଆରୁଷି, ଅନନ୍ୟା ଓ ଆତ୍ମୀୟସ୍ୱଜନ ।
ଧ-୧୯୭୭୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ବୃଦ୍ଧ ଦମ୍ପତିଙ୍କ ଘରୁ ଲକ୍ଷାଧିକ ଟଙ୍କା ଚୋରି

ଭବାନୀପାଟଣା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ଅଧୀନ ଇନ୍ଦ୍ରମାଲ ଗ୍ରାମର ଜଣେ ବୃଦ୍ଧ ଦମ୍ପତିଙ୍କ ଘରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନାରେ ଗ୍ରାମର କାହ୍ନୁ ସାହୁ (୭୫) ଓ ତାଙ୍କ ପତ୍ନୀ ରହୁଥିବା ଘରେ କବାଟ ଝରକା ଲାଗିନାହିଁ। ବୁଧବାର ରାତିରେ ସେମାନେ ଶୋଇଥିବା ବେଳେ କେତେକ ଦୁର୍ବୃତ୍ତ ତାଙ୍କ ଘରେ ପଶି ଲକ୍ଷାଧିକ ଟଙ୍କା ସହ ଅନ୍ୟ ଜିନିଷ ଚୋରି କରି ନେଇଛନ୍ତି। ସେମାନେ ଏକ ବସ୍ତାରେ ରଖିଥିବା ୧ ଲକ୍ଷ ଟଙ୍କା, ଏକ ଭରି ସୁନା, ଜମିପଟ୍ଟା ଓ ବିଭିନ୍ନ କାଗଜାତକୁ ଦୁର୍ବୃତ୍ତମାନେ ନେଇଛନ୍ତି। ବରିଷ୍ଠ ନାଗରିକଙ୍କଠାରୁ ଏପରି ଚୋରି ହେବା ନେଇ ଅଞ୍ଚଳରେ ଅସାନ୍ତ ବାତାବରଣ ଖେଳିଯାଇଛି। ପୋଲିସ ତୁରନ୍ତ ଦୋଷୀଙ୍କୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି।

**ସଂକ୍ଷେପରେ**

## ଡିକି ଭାଙ୍ଗି ୨ ଲକ୍ଷ ଲୁଟି ନେଲେ ଦୁର୍ବୃତ୍ତ

ଜୁନାଗଡ଼, ୨୮।୧ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ସହର ବୁଢ଼ାରଜା ହୋଟେଲ ନିକଟରେ ଗୁରୁବାର ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତ ୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଜୁନାଗଡ଼ ଥାନା ମୁର୍ଲାପଦର ଗ୍ରାମର ଅଜିନ ସା (୩୮) ସ୍ଥାନୀୟ ଏସବିଆଇରୁ ୨ ଲକ୍ଷ ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ପରେ ସ୍ତ୍ରୀଙ୍କ ସହିତ ବାଇକ୍‌ରେ ସହରର ପୁରୁଣା ବସଷ୍ଟାଣ୍ଡ ନିକଟ ସାମନା ଏକ ଦୋକାନକୁ ଜୋତା କିଣିବା ପାଇଁ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍ ଡିକି ଖୋଲା ଥିବା ଦେଖିବାକୁ ପାଇଥିଲେ। କେହି ଦୁର୍ବୃତ୍ତ ଟଙ୍କା ଲୁଟି ନେଇଥିବା ଜାଣି ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜୁନାଗଡ଼ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କୁ ପଚାରିବାରୁ ଲୁଟ ହୋଇଥିବା ଟଙ୍କା କିପରି ଶୀଘ୍ର ଧରାଯିବ ସେ ନେଇ ତଦନ୍ତ ଚାଲିଛି ବୋଲି କହିଥିଲେ।

## ବାଲସି ଜବାହର ଉଚ୍ଚ ବିଦ୍ୟାପୀଠକୁ ପ୍ରକୃତି ମିତ୍ର ପୁରସ୍କାର

କେସିଙ୍ଗା, ୨୮।୧ (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଜବାହର ଉଚ୍ଚ ବିଦ୍ୟାପୀଠକୁ ଉଖଣ୍ଡୀୟ ବନାଧିକାରୀ, କଳାହାଣ୍ଡି ଉତ୍ତର ବନଖଣ୍ଡଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାପୀଠ ପକ୍ଷରୁ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ଅଭୟ କୁମାର ଦେବତା ପୁରସ୍କାର ଉଖଣ୍ଡୀୟ ବନାଧିକାରୀ, କଳାହାଣ୍ଡି ଉତ୍ତର ବନଖଣ୍ଡ ନିତିଶ କୁମାର ଆଇଏଫଏସଙ୍କଠାରୁ ଗ୍ରହଣ କରିଛନ୍ତି। ୨୦୧୯-୨୦ ବର୍ଷ ପାଇଁ ଓଡ଼ିଶା ସରକାର, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାର ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପୂର୍ବକ ପ୍ରଦାନ କରାଯାଇଛି। ବ୍ଲକସ୍ତରରେ ସର୍ବୋତ୍କୃଷ୍ଟ ବିବେଚିତ ହୋଇଥିବାରୁ ପ୍ରୋତ୍ସାହନ ସ୍ୱରୂପ କୋଡ଼ିଏ ହଜାର ଟଙ୍କା ପୁରସ୍କାର ସହିତ ଓଡିଶା ସରକାରଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ଡିଆଇଜି ସତ୍ୟବ୍ରତ ଭୋଇଙ୍କ ପିତୃ ବିୟୋଗ

କର୍ଲାମୁଣ୍ଡା,୨୮।୧ (ଡି.ଏନ.ଏ.): ଦକ୍ଷିଣାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ



ଭୋଇଙ୍କ ପିତା ତଥା ଅବସରପ୍ରାପ୍ତ ଶିକ୍ଷକ ବିଶିଷ୍ଟ ସାମାଜିକ କର୍ମୀ ଶଶି ଭୂଷଣ ଭୋଇଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ପୁଅ ଡିଆଇଜି ଭୋଇଙ୍କ ପାଖରେ ରହି ବ୍ରହ୍ମପୁରଠାରେ ଚିକିତ୍ସିତ ହେଉଥିଲେ। ତାଙ୍କର ମଧୁମେହ ଓ କିଡନୀ ଜନିତ ସମସ୍ୟା ଥିବାରୁ ଗତକିଛି ମାସ ହେଲା ସେ ଚିକିତ୍ସାଧିନ ଥିଲେ। ଗୁରୁବାର ତାଙ୍କ ମର ଶରୀର ଜନ୍ମମାଟି ଏହି ବ୍ଲକ ସରଗୁଲଠାରେ ପହଞ୍ଚିବା ପରେ ଉତେଇନଦୀ କୂଳରେ ଦାହ କରାଯାଇଥିଲା। ସ୍ଥାନୀୟ ବିଧାୟକ ଭୂପିନ୍ଦର ସିଂଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶବାଧାରରେ ସାମିଲ ହୋଇଥିଲେ। ବଡପୁଅ ଡିଆଇଜି ସତ୍ୟବ୍ରତ ଭୋଇ ମୁଖାଗ୍ନି ଦେଇଥିଲେ। ଶିକ୍ଷକତାରୁ ଅବସର ନେବା ପରେ ସେ ପ୍ରତ୍ୟକ୍ଷ ଭାବେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହି ସମାଜ ସେବା କରୁଥିଲେ। ତାଙ୍କ ବିୟୋଗରେ କର୍ଲାମୁଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କର୍ଲାମୁଣ୍ଡା ପ୍ରେସ କ୍ଲବ, କର୍ଲାମୁଣ୍ଡା ବଣିକ ସଂଘ ଓ ଅନ୍ୟ ଅନୁଷ୍ଠାନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

## ଜାତୀୟ ଭୋଟର ଦିବସ ପାଳିତ

ଭବାନୀପାଟଣା,୨୮।୧ (ଡି.ଏନ.ଏ.): ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧକ୍ଷତାରେ ଉପଜିଲାପାଳ ସୁଶାନ୍ତ ସିଂ, ସଦର ବିଡିଓ ପ୍ରିତା କୁମାର, ଗୋଲାମୁଣ୍ଡା ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଡେପୁଟି କଲେକ୍ଟର ସୁଶ୍ରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଭବାନୀପାଟଣା ଓ ଗୋଲାମୁଣ୍ଡା ବିଡିଓଙ୍କୁ ଶ୍ରେଷ୍ଠ ଏଇଆରଓ ଭାବେ ପୁରସ୍କୃତ କରାଯାଇଥିଲା। ଭୋଟର କାର୍ଡ ଅଧିକ ପ୍ରଦାନ ଓ ୧୮ ବର୍ଷରୁ ଅଧିକ ନୂଆ ଭୋଟରଙ୍କୁ ସାମିଲ କରିବା ନେଇ ଜିଲାର ୫୦ଜଣ ବିଏଲଓ ଓ ସୁପରଭାଇଜରଙ୍କୁ ସମ୍ମାନିତ କରାଯାଇଥିଲା।

# ଉଠିନି ଧାନ, ଚାଷୀଙ୍କ ରାସ୍ତାରୋକୋ

ଧର୍ମଗଡ, ୨୮।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ତୁମୁରା ମଣ୍ଡିରେ ଦୀର୍ଘ ଦିନ ହେଲା ଧାନ ବିକ୍ରି ନ ହୋଇ ପଡ଼ିରହିଛି। ଏହାର ପ୍ରତିବାଦରେ ଚାଷୀମାନେ ଗୁରୁବାର ଧର୍ମଗଡ଼-ଗୋଲାମୁଣ୍ଡା-ସିନାପାଲି ରାସ୍ତାରେ ଧାନ ବସ୍ତା ରଖି ଅବରୋଧ କରିଥିଲେ। ତୁମୁରା ମଣ୍ଡିରେ ୮ଟି ପଞ୍ଚାୟତ ଚାଷୀ ନିଭର କରନ୍ତି। ଗତ ନଭେମ୍ବରରୁ ଧାନ କ୍ରୟ ଆରମ୍ଭ ହୋଇଥିବା ବେଳେ ଆଜି ବି ଅନେକ ମଣ୍ଡିରେ ଚାଷୀଙ୍କ ପରିଶ୍ରମ ଉପାର୍ଜିତ ଅମଳ ଧାନ ବିକ୍ରି ହୋଇ ନ ପାରି ପଡିରହିଛି। ଫଳରେ ଶୀତକାକରରେ ପଡିରହିଥିବା ଚାଷୀ ବାଧହୋଇ ଗୁରୁବାର ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ। ଫଳରେ ଏହି ରାସ୍ତାରେ ଯାତାୟାତ ଠପ ହୋଇପଡ଼ିଥିଲା । ଘଟଣା ପରେ ଗୋଲାମୁଣ୍ଡା ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ସହ ପୋଲିସ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ଧର୍ମଗଡ ସହକାରୀ ଯୋଗାଣ ଅଧିକାରୀ ସର୍ବେଶର ପଣ୍ଡା ଶୁକ୍ରବାର ଶୁଦ୍ଧା ୩ ହଜାର କୁଇଣ୍ଟାଲ ଧାନ ମଣ୍ଡିରୁ ଉଠାଯିବ ବାକି ୨୫ ଶହ କୁଇଣ୍ଟାଲ ଧାନ ଆସନ୍ତା ୨ ଦିନ ମଧରେ ଉଠାଯିବା ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।




ଚାଷୀ ରାସ୍ତା ଅବରୋଧ କରିଛନ୍ତି।

## ଉପଜିଲାପାଳଙ୍କଠାରେ ଫେରାଦ ହେଲେ ଚାଷୀ

କୋକସରା, ୨୮।୧ (ଡି.ଏନ.ଏ.)

ଗତ ୧୧ ଦିନ ହେଲା କୋକସରା ମଣ୍ଡି ଗେଟରେ ତାଲା ପଡିଛି । ମଣ୍ଡି ପରିସରରେ ପଡି ରହିଛି ୯୫ଜଣ ଚାଷୀଙ୍କ ୬୨୩୦ କୁଇଣ୍ଟାଲ ଧାନ। ଟାର୍ଗେଟ ନାହିଁ ଧାନ କ୍ରୟ ବନ୍ଦ । ଟାର୍ଗେଟ ଆସିଲେ ପୁଣି ଧାନ କିଣାଯିବ ବୋଲି କହିଛନ୍ତି ପ୍ୟାକ୍ସ ସମ୍ପାଦକ। କେବେ ଟାର୍ଗେଟ ଆସିବ କେବେ ମଣ୍ଡିରୁ ମୁକ୍ତି ମିଳିବ ଦୋଛକିରେ ଚାଷୀ। ବୁଧବାର ମଣ୍ଡିକୁ ଧାନ ବିକ୍ରି ପାଇଁ ଆସିଥିବା ଶତାଧିକ ଚାଷୀ କୋକସରା ତହସିଲଦାର ଅଫିସରେ ପହଞ୍ଚି ତହସିଲଦାର ମନୋଜ ପାଢ଼ୀଙ୍କୁ ଭେଟି ଧାନ କ୍ରୟ କରିବାକୁ ଦାବି କରିଥିଲେ। ତହସିଲଦାର ଚାଷୀଙ୍କ ଅଭିଯୋଗ ଶୁଣିବା ବଦଳରେ କୋକସରା ବ୍ଲକ ଗସ୍ତରେ ଆସିଥିବା ଧର୍ମଗଡ ଉପଜିଲାପାଳ ଟିଏସ ଦିବାକରଙ୍କୁ ଭେଟି ଅଭିଯୋଗ କରିବାକୁ କହିଥିଲେ। ପରେ ଚାଷୀ କୋକସରା ବ୍ଲକରେ ପହଞ୍ଚି ଧର୍ମଗଡ ଉପଜିଲାପାଳଙ୍କୁ ଭେଟିଥିଲେ। ଉପଜିଲାପାଳ ଚାଷୀଙ୍କୁ ଟାର୍ଗେଟ ଆସିବ ଓ ଦିନେ ଦୁଇଦିନ ପରେ ଧାନ କ୍ରୟ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ଧର୍ମଗଡ ବିଧାୟକ ମୌଷଧି ବାଗ ମଧ ଉପ ଜିଲାପାଳଙ୍କ ସହ ଉପସ୍ଥିତ ଥିଲେ। ଯଦି ଧାନ କ୍ରୟ ନେଇ ପ୍ରଶାସନ କୌଣସି ନିଷ୍ପତ୍ତି ନ ନେଲେ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି।

## ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ

ଜାମଟିକ୍ରା, ୨୮।୧ (ଡି.ଏନ.ଏ)

ଅତାବିରା ଅଞ୍ଚଳର ଝିଅ ବୋହୂମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି। ପ୍ରଥମେ ଅତାବିରାର ଝିଅ ଅର୍ଚ୍ଚନା ବାଗ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନୋନୀତ ହୋଇଥିବା ବେଳେ ଗମ୍ଭାରିପାଲିର ବୋହୂ ମାଧବୀ ମହାକୁର ସୀମା ସୁରକ୍ଷା ବାହିନୀରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି। ଏବେ ପୁଣି ଅତାବିରାର ଝିଅ ଆଲିଶା ମିଶ୍ର କଟକରେ ଆୟୋଜିତ ଶିଶୁ ମେଳାରେ ରାଜ୍ୟ ସ୍ତରୀୟ ସଙ୍ଗୀତ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଆଲିଶା ହେଉଛନ୍ତି ଆଇନଜୀବୀ ଦିବ୍ୟକିଶୋର ମିଶ୍ରଙ୍କ ଝିଅ ।

## ଖଡ଼ିଆଳରୁ ଭୁବନେଶ୍ୱର ସାଇକେଲ ଯାତ୍ରା

ଖଡିଆଳ, ୨୮।୧ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ମଙ୍ଗଳବାର ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଖଡିଆଳରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସାଇକେଲ ରାଲି କରାଯାଇଛି। ଖଡିଆଳ ସମଲେଶ୍ୱରୀ ମନ୍ଦିରରୁ ଶହସ୍ରା କର୍ମୀ କର୍ମୀ ମାଁ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଯଥା ମଣ୍ଡିରେ ଲକ୍ଷ ଲକ୍ଷ ବସ୍ତା ଧାନ ଦୀର୍ଘ ଦିନ ଧରି ପଡି ରହିଥିବା ବେଳେ ଅନେକ ଦୁର୍ଦ୍ଦଶା ଭୋଗୁଥିବା ଦେଖିବାକୁ ମିଳୁଛି। ଶୀତ କାକରରେ ଚାଷୀ ମଣ୍ଡିରେ ରହିଥିବା ବେଳେ ସେଥିରେ ମଧ ୫ରୁ ୧୦ କିଲୋ ପ୍ରତି କୁଇଣ୍ଟାଲ କଟନୀ ଛଟନୀ ହେଉଛି । ଏ ନେଇ ଚାଷୀମାନେ ବିଭିନ୍ନ ସମୟରେ ଦଲାଲମାନଙ୍କ ଠକାମୀର ଶୀକାର ହେବାକୁ ପଡିଛି । ଯାହାଦ୍ୱାରା ଚାଷୀମାନେ ଦଲାଲ ଏବଂ ଅସାଧୁ କର୍ମଚାରୀ ଓ ମିଲର୍ସ ଦଲାଲଙ୍କ ଜାଲରେ ପଡି କ୍ଷତି ସହୁଛନ୍ତି। ଏହାର ସମାଧାନ କରିବାକୁ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳଚରଣ ତାଣ୍ଡିଙ୍କ ନେତୃତ୍ୱରେ ୧୮ ଦଫା ଦାବି ନେଇ ଖଡିଆଳଠାରୁ ଏକ ସାଇକେଲ ରାଲି କରି କୃଷିମନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ସ୍ଥିର ହୋଇଛି। ଏହି ରାଲି ଭୁବନେଶ୍ୱରକୁ ଆସନ୍ତା ୩୧ରେ ପହଞ୍ଚି ୧ ତାରିଖରେ କୃଷି ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସ୍ଥିର ହୋଇଛି ।

## ହିମାଳୟର ଦୟାରା ବୁଗ୍ୟାଲ ଆରୋହଣ କଲେ କଳାହାଣ୍ଡିର ୫ ପର୍ବତାରୋହୀ



ହିମାଳୟ ଦୟାର ବ୍ୟୁଗାଲ ପର୍ବତ ଶିଖରରେ ତ୍ରିରଙ୍ଗା ଉଡାଉଛନ୍ତି ଓଡ଼ିଶାର ବିଭିନ୍ନ ଜିଲାର ପର୍ବତାରୋହୀ ।

ଜୁନାଗଡ/କେସିଙ୍ଗା/ରିଷିଡା/କୋକସରା,୨୮।୧ (ଡି.ଏନ.ଏ.)

ଉତ୍ତରାଖଣ୍ଡର ହିମାଳୟ ପର୍ବତାମାଳାର ଦୟାରା ବ୍ୟୁଗାଲରେ ତ୍ରିରଙ୍ଗା ଉଡାଇ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଛନ୍ତି କଳାହାଣ୍ଡି ଜିଲା ଜୁନାଗଡ ସହରର ୩ ଯୁବ ପର୍ବତାରୋହୀ ସୌମ୍ୟରଞ୍ଜନ ରାଉତ, ଜୋତଶ କୁମାର ବାଗ ଓ କ୍ରିଷ୍ଣା ଭଣ୍ଡାରଘରିଆ। ସେହିପରି କର୍ଲାମୁଣ୍ଡା ବ୍ଲକର ପ୍ରଥମ ପର୍ବତାରୋହୀ ରାଜେଶ ଭୋଇ ଏବଂ କୋକସରା ବ୍ଲକ ମୋଟେର ଗ୍ରାମର ଯୋଗେଶ୍ୱର ନାଏକ ଏହି ପର୍ବତାରୋହୀ ସାମିଲ ହୋଇଛନ୍ତି। କରୋନା ଯୋର୍ଦ୍ଧାଙ୍କୁ ସମର୍ପିତ ଏହି ପର୍ବତାରୋହଣରେ ଓଡିଶାର ପ୍ରତିଭା ଅନ୍ୱେଷଣ ଓ କଳିଙ୍ଗ ଡେୟାର ଡେଭିଲ୍ସ ପକ୍ଷରୁ ୨୩ ଜଣିଆ ଓଡ଼ିଶାର ଯୁବଦଳ ଗିନିଜ୍ ୱାଲ୍ଡ ରେକର୍ଡଧାରୀ ଡ.ସତ୍ୟପୀର ପ୍ରଧାନଙ୍କ ନେତୃତ୍ୱରେ ଯାତ୍ରା ଆରମ୍ଭ କରିଥିଲେ। ଗତ ୨୪ ତାରିଖରେ ସମୁଦ୍ର ପତ୍ତନଠାରୁ ୧୨ ହଜାର ୫ ଶହ ଫୁଟ୍ ଉଚ୍ଚ ପର୍ବତଶିଖର ଆହୋରଣ କରି ସେଠାରେ ଜାତୀୟ ପତକା ଉଡାଇ ରାଷ୍ଟ୍ରପ୍ରେମର ନିଦର୍ଶନ ଦେଖାଇଥିଲେ। ତାଙ୍କର ଏହି ସଫଳତାକୁ ନେଇ ଜୁନାଗଡ, କର୍ଲାମୁଣ୍ଡା ଏବଂ କୋକସରା ବ୍ଲକର ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜଣାଯାଇଛି।

## ଗର୍ଭିଣୀ ଗାଈକୁ ହତ୍ୟା ଅଭିଯୋଗ

ବୌଦ୍ଧ,୨୮।୧(ସ୍ୱ.ପ୍ର.) ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସରସରା ଗ୍ରାମରେ ଏକ ଗାଈର ପରିଶ୍ରା ଦ୍ୱାର ବାଟେ ଲୁହାରଡ ପୁରାଇ ଅମାନୁଷିକ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ସମ୍ବେଦନଶୀଳ ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ସରସରା ଟିକିରାପଡାର ତପନ ସ୍ୱାଇଁ ଘରେ ଚାରୋଟି ଗାଈ ରଖିଛନ୍ତି। ବୁଧବାର ରାତିରେ ଆଠମାସର ଗର୍ଭବତୀ ଥିବା ତାଙ୍କର ଗୋଟେ ଗାଈର ପରିଶ୍ରା ଦ୍ୱାର ଦେଇ ପ୍ରବଳ ରକ୍ତସ୍ରାବ ହେବାରୁ ସେ ପଶୁ ଚିକିତ୍ସକଙ୍କୁ ଡାକିଥିଲେ। ଗାଈଟି ଗର୍ଭବତୀ ଥିବାରୁ କୌଣସି କାରଣରୁ ରକ୍ତ ପଡୁଥିବା ପଶୁ ଚିକିତ୍ସକ କହି ଔଷଧ ଦେଇ ଚାଲି ଯାଇଥିଲେ। କିନ୍ତୁ ସକାଳେ ଗାଈଟି ଗୁହାଳରେ ମରି ପଡିଥିବା ଦେଖିବାକୁ ମିଳିଥିଲା । ପରେ ଗାଈର ପରିଶ୍ରା ଦ୍ୱାର ବାଟରେ କେହି ଶାବଳ ପୁରାଇବାରୁ ତାର ମୃତ୍ୟୁ ଘଟିଥିବା ଜଣାପଡିଥିଲା ।

## ସଚେତନତା କାର୍ଯ୍ୟକ୍ରମ

ବିନିକା,୨୮।୧(ଡି.ଏନ୍.ଏ.) କରୋନାର ଭୟାବହତା ଓ ମାସ୍କର ଉପାଦେୟତା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ବାଉଁଶୁଣୀସ୍ଥିତ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟାପକ ଶିବଦତ୍ତ ପଣ୍ଡା, ରାଜେଶ କୁମାର ପଟ୍ଟନାୟକ, ଶାନ୍ତନୁ ସାହୁ ଛାତ୍ରୀଛାତ୍ରଙ୍କୁ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଅଧକ୍ଷ ବନ ବିହାରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀଙ୍କୁ ମାସ୍କ ପ୍ରଦାନ କରାଯାଇଥିଲା । ବିଶେଶ୍ୱର ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ଜାରିଙ୍ଗ ଚାମ୍ପିୟନ

ଜୁନାଗଡ, ୨୮।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଭୈରବ ପଡିଆ ଚାଲିଥିବା ଜୟଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଜାରିଙ୍ଗ ଓ ବୋରଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୋରଗୁଡା ଦଳ ଟସଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଜାରିଙ୍ଗ ଦଳ ୧୧ ଓଭରରେ ୫ ଉଇକେଟ ହରାଇ ୧୦୮ ରନ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଖେଳକୁ ସତିଶ ପ୍ରଧାନ ଓ ଶିବ ବାରିକ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱ ଭରତ ବାଗ, ତୁଳସୀ ମାଝି, ଧାରାବିବରଣୀ ଜାବେଦ ଖାନ ଓ ଟଙ୍କଧର ଭୋଇ ଦେଇଥିଲେ। ଜୟ ଦୁର୍ଗା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଜୁନାଗଡ ପୂର୍ବତନ ଏନ୍‌ଏସି ଅଧକ୍ଷ ସୁଧାଂଶୁ ଶେଖର ବରାଡ, ମୁଖ୍ୟବକ୍ତା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ସମ୍ମାନିତ ଅତିଥି ଭାବେ ଜୟଦୁର୍ଗା କ୍ରିକେଟ କ୍ଲବ ସଭାପତି ସେହବାଜ ଖାନ, ସମ୍ପାଦକ ରମେଶ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ଅଞ୍ଚଳର ୩୦ଟି ଦଳ ଭାଗ ନେଇଥିଲେ।




ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରାଯାଉଛି।

## ଶ୍ରୀରାମଙ୍କ ପୁଷ୍ୟାଭିଷେକ

ରିଷିଡା, ୨୮।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷିଡା ଉପକଣ୍ଠ ବଡଡୁଙ୍ଗୁରିଗୁଡାଠାରେ ଗୁରୁବାର ଶ୍ରୀରାମଙ୍କ ପୁଷ୍ୟାଭିଷେକ କରାଯାଇଛି। ରଥାରୁଢ଼ ଶ୍ରୀରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ସମେତ ସିଦ୍ଧେଶ୍ୱର ମହାଦେବଙ୍କୁ ଭକ୍ତମାନେ ରଥରେ ଗ୍ରାମ ପରିକ୍ରମା କରାଇଛନ୍ତି । ଗ୍ରାମର ମୁଖ୍ୟ ରାସ୍ତା କଡରେ ଥିବା ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରରୁ ଏହି ରଥ ବାହାରି ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମର ଗୋନ୍ତିଆ ପୂର୍ଣ୍ଣଚନ୍ଦ୍ର ଗହୀର ରଥରେ ଛେରାପହଁରା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂଜକ ଭାବେ ପ୍ରଦୀପ କୁମାର ମିଶ୍ର ରହିଥିବା ବେଳେ ସରୋଜ ମିଶ୍ର, ଲକ୍ଷ୍ମଣ ଭୋଇ, ଲକ୍ଷ୍ମଣ ଗହୀର, ସୂର୍ଯ୍ୟମଣି ମିଶ୍ର ପ୍ରମୁଖ ସହାୟତା କରିଥିଲେ। ପ୍ରତିବର୍ଷ ପୌଷ ମାସ ପୂର୍ଣ୍ଣିମା ତିଥିରେ ଶ୍ରୀରାମଙ୍କ ପୁଷ୍ୟାଭିଷେକ କରାଯାଇଥାଏ । ସେହିପରି ମ.ରାମପୁର ବ୍ଲକ ଅଲାତରାରେ ଅନୁରୂପ ଭାବେ ପୁଷ୍ୟାଭିଷେକ କାର୍ଯ୍ୟକ୍ରମ କରାଯାଇ ରଥ ଟଣାଯାଇଥିଲା ।

## ସୁବର୍ଣ୍ଣପୁର: ୫୨୧୩୫ ଶିଶୁ ଖାଇବେ ପୋଲିଓ ବୁନ୍ଦା

ସୋନପୁର,୨୮।୧୧(ନି.ପ୍ର.)

ଆସନ୍ତା ୩୧ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଖାଇବାକୁ ଦିଆଯିବ । ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ଯୋଜନା ପ୍ରସ୍ତୁତ କରିଛି। ଏଥିସକାଶେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଟାସ୍କ ଫୋର୍ସ କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ବିଭିନ୍ନ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ୨୯୯ଟି ବୁଥର ବ୍ୟବସ୍ଥା ହୋଇଛି । ଜିଲାର ମୋଟ ୫୨୧୩୫ ଜଣ ଶିଶୁ ହିତାଧିକାରୀଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରା ଯିବାକୁ ଲକ୍ଷ୍ୟ ରହିଛି । ୬୩ ଜଣ ସୁପରଭାଇଜର କାର୍ଯ୍ୟକ୍ରମ ତଦାରଖ କରିବେ। ସେହିପରି ୧୭ଟି ମୋବାଇଲ ଟିମ୍‌ର ବ୍ୟବସ୍ଥା କରାଯାଇଛି। ବୈଠକରେ ପିଡି ଡିଆରଡିଏ ଡୋଳାମଣି ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ସିଡିଏମ୍‌ପିଏଚଓ ଡାକ୍ତର ଦିଲୀପ କୁମାର ପଣ୍ଡା, ଡା. ପ୍ରଦୀପ କୁମାର ଗୁରୁ, ଡା. ନବ କିଶୋର ବେହେରା, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଯୋଗଦେଇଥିଲେ ।

## ବଜାଶାଲ ନୃତ୍ୟରେ କମ୍ପିଲା ରାଜପଥ

ଭବାନୀପାଟଣା,୨୮।୧ (ଡି.ଏନ.ଏ./ସ୍ୱ.ପ୍ର.)

ଦିଲ୍ଲୀର ରାଜପଥରେ ପ୍ରଥମ ଥର ପାଇଁ ବିଶ୍ୱବାସୀ ଦେଖିଲେ କଳାହାଣ୍ଡି ଜିଲାର ଗୌରବମୟ ଲୋକନୃତ୍ୟ 'ବଜାଶାଲ'। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପୂର୍ବ ଭାରତର ଏକ ମାତ୍ର ଦଳ ଭାବେ ଦିଲ୍ଲୀର ରାଜପଥରେ କଳାହାଣ୍ଡିର ପ୍ରତିଭା ସାଂସ୍କୃତିକ ଅନୁଷ୍ଠାନର ୮୦ଜଣିଆ କଳାକାରଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା 'ବଜାଶାଲ' ନୃତ୍ୟ। ଏହି ସମୟରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଏହାକୁ ଉପଭୋଗ କରିଥିଲେ। ଭାଗନେବା ପାଇଁ ମନୋନୀତ ହେବା ପରେ ଦିଲ୍ଲୀରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟ ତତ୍ତ୍ୱାବଧାନରେ ରହି କଳାକାରମାନେ ପରେଡରେ ଲୋକନୃତ୍ୟକୁ ଉତ୍ତମ ରୂପେ ପରିବେଷଣ ପାଇଁ ଅଭ୍ୟାସ କରିଥିଲେ।



ଦିଲ୍ଲୀ ରାଜପଥରେ ବଜାଶାଲ ନୃତ୍ୟ ପରିବେଷଣ କରାଯାଉଛି।

## ୯୯୨ କୋଟିର ଖସଡ଼ା ପ୍ରସ୍ତୁତ

ତରବୋଡ/ନୂଆପଡା ଅଫିସ, ୨୮।୧ (ଡି.ଏନ.ଏ.)




ଜିଲା ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ଷୋଡଶ ଜିଲା ଯୋଜନା କମିଟି ବୈଠକ ।

**ଷୋଡଶ ଜିଲା ଯୋଜନା କମିଟି ବୈଠକ**

ନୂଆପଡା ଜିଲା ସଦ୍‌ଭାବନା ସଭା ଗୃହରେ ଷୋଡଶ ଜିଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୧ ବର୍ଷରେ ଜିଲାର ବିଭିନ୍ନ ବିଭାଗ କାର୍ଯ୍ୟ ପାଇଁ ୯୯୨ କୋଟି ୯୨ ଲକ୍ଷ ୬୨ ହଜାର ଟଙ୍କାର ଖସଡା ପ୍ରସ୍ତୁତ କରାଯାଇଛି। ଶିକ୍ଷା ବିଭାଗ ପାଇଁ ୮୫ କୋଟି ୨୭ ଲକ୍ଷ ୬୪ ହଜାର, କ୍ରୀଡ଼ା ପାଇଁ ୩ କୋଟି ୬୯ ଲକ୍ଷ ୭୧ ହଜାର, ସ୍ୱାସ୍ଥ୍ୟ ପାଇଁ ୩୦ କୋଟି ୩୩ ଲକ୍ଷ ୫୩ ହଜାର, ପିଇବା ପାଣି ପାଇଁ ୫୫ କୋଟି ୭୩ ଲକ୍ଷ ୫୪ ହଜାର, ଗୃହ ପାଇଁ ୧୩୦ କୋଟି ୨୭ ଲକ୍ଷ ୩୦ ହଜାର ଟଙ୍କା, ନାରୀ ସଶକ୍ତିକରଣ ଓ ଶିଶୁ ବିକାଶ ପାଇଁ ୪୫ କୋଟି ୧୮ ଲକ୍ଷ ୪୦ ହଜାର, ସାମାଜିକ ସେବା ପାଇଁ ୪୦୬ କୋଟି ୩୦ ଲକ୍ଷ୨୨ ହଜାର ଟଙ୍କାର ଖସଡା ପ୍ରସ୍ତୁତ କରାଯାଇଛି। ନୂଆପଡା ବିଧାୟକ ତଥା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ ରାଜେନ୍ଦ୍ର ଢୋଲକିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏମ୍‌ପି ବସନ୍ତ ପଣ୍ଡା, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଜିଲାପାଳ ସ୍ୱାଧାଦେବ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଯୋଜନା ଓ ପର୍ଯ୍ୟବେକ୍ଷଣ ଅଧିକାରୀ ସୋମନାଥ କାଣ୍ଡିୟାନ ପରିଚାଳନା କରିଥିଲେ। ବୈଠକରେ ୨୦୨୦ରେ ବିଭିନ୍ନ ଉନ୍ନୟନ କାମ ଅଧାହୋଇ ପଡିଥିବା କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ବାଚିତ ପ୍ରତିନିଧିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଲମ୍ବୋଦର ନିଆଲ, ଉଜ୍ଜ୍ୱଳ ଗୁପ୍ତା, ସନ୍ତୋଷୀନୀ ସଲମା, ଉଷା ଚନ୍ଦ୍ରକାର, ବାସନ୍ତି ମାଝି, ପ୍ରିୟରଞ୍ଜନ ମେହେର, ଗଜରାଜ ମାଝି, ଜିଲା ପ୍ରକଳ୍ପ ଅଧିକାରୀ ନବିନ ପଟେଲ, ସିଡିଏମଓ କାଳୀଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୯ ଜାନୁୟାରୀ, ୨୦୨୧

## ମଣ୍ଡି ପରିଦର୍ଶନ କଲେ ତହସିଲଦାର

ଲାଠୋର,( ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଧାନମଣ୍ଡିକୁ ଗୁରୁବାର ତହସିଲଦାର ଧୀରଜ କୁମାର ପାତ୍ର ଏବଂ ସ୍କ୍ୱାଡ ପରିଦର୍ଶନ କରିଥିଲେ। ଚାଷୀଙ୍କ ଧାନ ମଣ୍ଡିରେ ପଡି ରହୁଥିବା ନେଇ ଅଭିଯୋଗ ପରେ ତହସିଲଦାର ଏହି ପରିଦର୍ଶନ କରିଥିଲେ। ମଣ୍ଡିରେ ୪ ହଜାର ପ୍ୟାକେଟ ଧାନ ମହଜୁଦ ଥିଲା। ସେହି ଧାନ କେଉଁ ଚାଷୀଙ୍କର ତା'ର ତଦନ୍ତ ଚାଲିଛି। ଯେଉଁ ଚାଷୀଙ୍କ ପାଖରେ ଟୋକନ ରହିଛି ତାଙ୍କର ଅବଧି ଶେଷ ହେବା ପୂର୍ବରୁ ଯେପରି ଧାନ ଉଠିପାରିବ ସେଥିପ୍ରତି ପ୍ୟାକ୍ସ କର୍ମଚାରୀମାନେ ବ୍ୟବସ୍ଥା କରିବାକୁ ସେ ତାଗିଦ କରିଥିଲେ। ତହସିଲଦାରଙ୍କ ସହ ଯୋଗାଣ ନିରୀକ୍ଷକ ରାଜାରାମ ହୋତା, ସହକୃଷି ଅଧିକାରୀ ସୁଜିତ କୁମାର ଭୋଇ, ସମବାୟ ସମ୍ପ୍ରସାରଣ ଅଧିକାରୀ ସିଦ୍ଧାର୍ଥ ମିଶ୍ର ପ୍ରମୁଖ ସାମିଲ ଥିଲେ।



# ଉଦ୍‌ଘାଟନ ହେଉଛି, କାମରେ ଲାଗୁନି

କଣ୍ଟାବାଞ୍ଜି, ୨୮।୧(ଡି.ଏନ.ଏ.)

## କଣ୍ଟାବାଞ୍ଜିରେ ବିଭିନ୍ନ ବିଭାଗୀୟ ସରକାରୀ କୋଠାର ଅବସ୍ଥା







ଅବକାରୀ କାର୍ଯ୍ୟାଳୟ(ବାମ)। ଉଦ୍‌ଘାଟନୀ ଫଳକ।

ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଛି କୋଠା। ଉଦ୍‌ଘାଟନ ବି ହୋଇଛି ବିଧିବଦ୍ଧଭାବେ। ହେଲେ କୌଣସି ନା କୌଣସି କାରଣରୁ ଏହି ସବୁ କୋଠା ବିଭାଗର କୌଣସି କାମରେ ଆସୁନାହିଁ। ପରିତ୍ୟକ୍ତ ହୋଇ ପଡ଼ିରହି ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅଫିସ କାର୍ଯ୍ୟାଳୟ ଭଡ଼ାଘର କିମ୍ବା ପୁରୁଣା କୋଠାରେ ଚାଲିଛି। ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅଞ୍ଚଳରେ।

କଣ୍ଟାବାଞ୍ଜିଠାରୁ ୩ କି.ମି. ଦୂର ହିଆଁଲ ଓ କଣ୍ଟାବାଞ୍ଜି ଚିଲ୍‌ଡ୍ରେନ ପାର୍କ ନିକଟରେ ନିର୍ମାଣ ହୋଇଛି ୩ ମହଲା ବିଶିଷ୍ଟ ହରିଜନ ଆଦିବାସୀ ହଷ୍ଟେଲ। ନିର୍ମାଣ ସରିବାର ୫ ବର୍ଷ ବିତି ଯାଇଥିଲେ ବି ତାହା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ହିଆଁଲ ଆରଆଇ ଅଫିସ, ଏଲ୍‌ଆଇ ସେଣ୍ଟର, ଏଏନ୍‌ଏମ୍ ସେଣ୍ଟର, ଡୁମେରଚୁଆଁର ଏଏନ୍‌ଏମ୍ ସେଣ୍ଟରର ନୂତନ କୋଠା ଦୀର୍ଘବର୍ଷ ହେଲା ନିର୍ମାଣ ହୋଇ ପଡ଼ିରହିଛି। କାମରେ ନ ଲାଗିବାରୁ କୋଠାର କେତେକ ଅଂଶ ଭାଙ୍ଗିରୁଜି ଗଲାଣି। ମଦ୍ୟପମାନେ ସେହି ସବୁ କୋଠାରେ ଆଡ୍ଡା ଜମାଇଛନ୍ତି। ସେହିପରି କଣ୍ଟାବାଞ୍ଜି–ଜାମୁଟଝୁଲା ରାସ୍ତାରେ ନିର୍ମିତ ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ଉଦ୍‌ଘାଟିତ ହେବାର ୩ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅନୁରୂପ ଭାବେ କଣ୍ଟାବାଞ୍ଜି ଅବକାରୀ ଥାନା କାର୍ଯ୍ୟାଳୟ ତୁରେକେଲା ରାସ୍ତାରେ ନିର୍ମାଣ ହୋଇଛି। ୨୦୧୮ ମେ ୬ ତାରିଖରେ ତତ୍କାଳୀନ ଖାଦ୍ୟ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ବିଧାୟକ ଆୟୁବ ଖାଁଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲେ ସୁଦ୍ଧା କାର୍ଯ୍ୟକ୍ଷମ ହୋଇନାହିଁ। ଦୀର୍ଘଦିନ ଧରି ଅବ୍ୟବହୃତ ହୋଇ ଏହା ପଡ଼ିରହିଛି । ବୁଧବାର କଣ୍ଟାବାଞ୍ଜି ଗୋରୁ ବଜାର ହେଉଥିବାରୁ ଲାଠୋର, ତୁରେକେଲା ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଚାଲାଣ ହେଉଥିବା ଗୋରୁଙ୍କୁ ମଙ୍ଗଳବାର ରାତିରେ ଏହି ଅବକାରୀ ଥାନା ପରିସରରେ ରଖି ଦିଆଯାଇଥାଏ। ଅବକାରୀ ଥାନା କାର୍ଯ୍ୟକ୍ଷମ ନ ହୋଇ ପାରିବା ନେଇ ବିଭାଗୀୟ ସବ୍‌ଇନ୍ସପେକ୍ଟରଙ୍କୁ ପଚାରିବାରୁ ପାଣିର ସମସ୍ୟା ଥିବାରୁ ଅଫିସ କାମ ହୋଇପାରୁ ନ ଥିବା କହିଛନ୍ତି।

## ଲଳିତଙ୍କ ଚିକିତ୍ସା ପାଇଁ ଅର୍ଥନାହିଁ

ଲୋଇସିଂହା, ୨୮।୧(ଡି.ଏନ.ଏ.)

### ଦୁର୍ଘଟଣାରେ ଭାଙ୍ଗିଛି ମେରୁଦଣ୍ଡ



ଲଳିତ ପୁଟେଲ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତ ଅନ୍ତର୍ଗତ ବୁରୋମୁଣ୍ଡା ଗାଁର ଲଳିତ ପୁଟେଲ(୨୪)। ବାଇକରେ ଗଲାବେଳେ ୨୦୧୯ ଜୁଲାଇ ୨୪ ତାରିଖରେ ତଲିଉଡଡାର ସାଲେକଦମ ନିକଟରେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ଓ ବୁର୍ଲାରେ ଚିକିତ୍ସା କରିଥିଲେ । ପରବର୍ତ୍ତୀ ସମୟରେ ଭୁବନେଶ୍ୱରର ହାଇଟେକ ମେଡିକାଲରେ ୨ମାସ ଧରି ଚିକିତ୍ସିତ ହୋଇଥିଲେ। ଲଳିତଙ୍କ ଚିକିତ୍ସା ପାଇଁ ଟଙ୍କାଧର କିଛି ଜମି ବିକି ଦେଇଥିଲେ ବି କୌଣସି ସୁଫଳ ମିଳିନାହିଁ। ଏବେ ବାହାରକୁ ନେଇ ଉଚ୍ଚ ଚିକିତ୍ସା କଲେ ଲଳିତ ଭଲ ହୋଇଯିବେ ବୋଲି ଡାକ୍ତରମାନେ କହୁଛନ୍ତି। ହେଲେ ଏବେ ହାତରେ ଟଙ୍କାନାହିଁ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଲାଗି ନିବେଦନ କରାଯାଇଥିଲେ ବି ସହାୟତା ମିଳି ନ ଥିବାରୁ ବ ପୁଅର ଉନ୍ନତ ଚିକିତ୍ସା ହୋଇ ପାରୁ ନ ଥିବା ଟଙ୍କଧର କହିଛନ୍ତି। ଏ ପଟେ ଶଯ୍ୟାଶାୟୀ ପୁଅର ଅବସ୍ଥା ଦେଖି ପରିବାର ଲୋକେ ଆଖିରୁ ଲୁହ ଗଡାଉଛନ୍ତି। ଅବିଳମ୍ବେ ଲଳିତଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### କ୍ରିକେଟ: ଆଟଗାଁ ଚାମ୍ପିୟନ

ଦେଓଗାଁ,୨୮।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ କୁଲିଆବାହାଲରେ ଚାଲିଥିବା ପ୍ରଥମବର୍ଷ ସୁବିଧା ମିର୍ଦ୍ଧା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ମାଧିଆପାଲିକୁ ହରାଇ ଆଟଗାଁ ଦଳ ବିଜୟୀ ହୋଇଥିଲା। ପୁରନ୍ଦର ମିର୍ଦ୍ଧା, ବୁଇ ମିର୍ଦ୍ଧା, ତ୍ରିଲୋଚନ ସିଂ ଚିନ୍ଦା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ପୁରାତନ କ୍ରିକେଟ ଖେଳାଳି ମନୋଜ ସିଂ ଚିନ୍ଦା, ଶଙ୍କର ଭୋଇ, ଲୋଚନ ମିର୍ଦ୍ଧା, ନରହରି ଧରୁଆ, ବ୍ରଜ ସିଂ, ଟିକେଲାଲ ସିଂ, ନିରଞ୍ଜନ ଝାଙ୍କର, ହିମାଂଶୁ ମାଝୀ ଓ ଲବ ମିର୍ଦ୍ଧା ଯୋଗଦେଇଥିଲେ।

### ଗଣେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜିତିଲା କୁବୁରିମହୁଲ

ଦେଓଗାଁ,୨୮।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡାରେ ଚାଲିଥିବା ଗଣେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କୁବୁରିମହୁଲ ଓ ପିପଲଡାବର ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ କୁବୁରିମହୁଲ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଦୀପକ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ଅର୍କେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ଯୁବ ବିଜୁ ଜନତା ଦଳ ଜିଲା ସଭାପତି ରାଜେନ୍ଦ୍ର ହୋତା, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ବ୍ଲକ ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ସ୍ଥାନୀୟ ସମିତି ସଭ୍ୟ ଜୁଗୁନୁ ପଧାନ, ଆଶୀର୍ବାଦ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

### କଣ୍ଟାବାଞ୍ଜି ବିଜେଡିର ପୁଷପୁନି ବନ୍ଧୁ ମିଳନ

କଣ୍ଟାବାଞ୍ଜି,୨୮।୧(ଡି.ଏନ.ଏ.): ପୁଷପୁନି ଅବସରରେ ଗୁରୁବାର କଣ୍ଟାବାଞ୍ଜି ବିଜୁ ଯୁବ ଜନତା ଦଳର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶୁଣ୍ଡି ସମାଜ ଭବନରେ ଅନୁଷ୍ଠିତ ବନ୍ଧୁ ମିଳନରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏନଏସି, ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକର ଶତାଧିକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଜେଡି ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନରେ ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ, ଜିଲା ବିଜେଡି ଉପସଭାପତି ବିଜୟ କୁମାର ବଂଶଲ, ବରିଷ୍ଠ ସଭ୍ୟ ତଥା ପୂର୍ବତନ କାଉନସିଲର ପ୍ୟାରେଲାଲ ଜାଂଗଡା ଯୋଗଦେଇଥିଲେ । ଦଳୀୟ ସଂଗଠନକୁ ସୁଦୃଢ କରିବା ଉପରେ ମତପ୍ରକାଶ ପାଇଥିଲା।

### ଟ୍ରାକ୍ଟର-ବାଇକ୍ ଦୁର୍ଘଟଣା, ଟ୍ରାକ୍ଟର ମାଲିକ ଗିରଫ

ଅତାବିରା, ୨୮।୧(ଡି.ଏନ.ଏ): ଭେଡେନ ଥାନା ଅଧୀନ ବୁର୍ଦ୍ଧା-ଭେଡେନ ରାସ୍ତାରେ ଗତ ୨୧ ତାରିଖରେ ଟ୍ରାକ୍ଟର-ବାଇକ୍ ଧକ୍କା ହୋଇ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଗୁରୁବାର ଟ୍ରାକ୍ଟର ମାଲିକ ଅପାମରାର ପର୍ଶୁରାମ ମହାକୁରଙ୍କୁ ପୋଲିସ ଗିରଫ କରିଛି। ସୂଚନାଯୋଗ୍ୟ, ମାନଧାତା ବାରିକ ସ୍ତ୍ରୀ ସ୍ୱତାଞ୍ଜଳି ଏବଂ ଶିଶୁକନ୍ୟା ପ୍ରତୀକ୍ଷାଙ୍କୁ ଏକ ବାଇକ୍ ଯୋଗେ ଭେଡେନ ଯାଉଥିଲେ। ଏହି ସମୟରେ ଏକ ଟ୍ରାକ୍ଟର ସହିତ ଉକ୍ତ ବାଇକ୍ ମୁହାଁମୁହିଁ ହେବାରୁ ସ୍ୱତାଞ୍ଜଳି ଓ ପ୍ରତୀକ୍ଷାଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରାକ୍ଟରକୁ ଜବତ କରିଥିଲା। ମାନଧାତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ମରଣାନ୍ତକ ଆକ୍ରମଣ: ୩ ଗିରଫ

ଅତାବିରା, ୨୮।୧ (ଡି.ଏନ.ଏ): ଭେଡେନ ଥାନା ଅପାମରା ଗ୍ରାମରେ ଏକ ପରିବାରକୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଗୁରୁବାର ଅଭିଯୁକ୍ତ ବାପ ଓ ଦୁଇ ପୁଅଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଦେଶୀ ଧରୁଆ (୬୦), ତେଜରାଜ ଧରୁଆ (୩୦), ବାବୁଲୁ ଧରୁଆ (୩୪)। ସେମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଛି। କାଲାଚାନ୍ଦ ବାରିକଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୪/୨୧) ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

## ରେଳ ଷ୍ଟେଶନରେ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ବଲାଙ୍ଗୀର ଅଫିସ, ୨୮।୧




ବଲାଙ୍ଗୀର ରେଳଷ୍ଟେଶନରେ ଅନୁଷ୍ଠିତ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ।

ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଗୁରୁବାର ବଲାଙ୍ଗୀର ରେଳଷ୍ଟେଶନରେ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜାତୀୟ ବିପର୍ଯ୍ୟୟ ପରିଚାଳନା ବଳ(ଏନ୍‌ଡିଆରଏଫ୍) ଓଡିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ରାଜ୍ୟ ସ୍ୱାସ୍ଥ୍ୟସେବା, ରେଳ ସ୍କାଉଟ୍ସ ଆଣ୍ଡ ଗାଇଡ୍, ସ୍ଥାନୀୟ ଏନଜିଓ ଏବଂ ରେଳ ବିଭାଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରେଳ କୋଚ କାଟିବା ମେଶିନ, ଅଗ୍ନି ନିର୍ବାପକ ଏବଂ ଶୀଘ୍ର ଚିକିତ୍ସା ସ୍ଥାନାନ୍ତର ଭଳି ଆଧୁନିକ ଉପକରଣ ବ୍ୟବହାର କରାଯାଇଥିଲା। ସମ୍ବଲପୁର ରେଳମଣ୍ଡଳ ରେଳବାଇ ପ୍ରବନ୍ଧକ ପ୍ରଦୀପ କୁମାର ଏହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ପରିଦର୍ଶନ କରି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ରେଳବାଇ ପ୍ରବନ୍ଧକ କୁମାର କହିଥିଲେ ଯେ, ଏହି ଅଭ୍ୟାସ କାର୍ଯ୍ୟକ୍ରମ ରେଳବାଇ ଏବଂ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥାକୁ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିରେ ଗଭୀର ତଥା ସମନ୍ୱିତ ମୁକାବିଲାରେ ସାହାଯ୍ୟ କରିବ। ଅଭ୍ୟାସ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧିକ୍ଷକ ନୀତୀନ କୁଶଲକର ଯୋଗଦେଇଥିଲେ। ସମ୍ବଲପୁର ରେଳମଣ୍ଡଳ ବରିଷ୍ଠ ନିରାପତ୍ତା ଅଧିକାରୀ ସଞ୍ଜୟ କୁମାର ତ୍ରିପାଠୀ ବିପର୍ଯ୍ୟୟ ପରିଚାଳନାରେ ଯୋଗ ଦେଇଥିବା ସମସ୍ତ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୬ଦିନହେଲା ପଡାରେ ଜଗି ରହିଛନ୍ତି ପୋଲିସ ଫୋର୍ସ

### ଜରାସିଂହା ଡବଲ ମର୍ଡର ଘଟଣା

ଦେଓଗାଁ,୨୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଜରାସିଂହା ବାହାରପଡା ଓ ହରିଜନପଡାରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଗତ ୨୩ତାରିଖ ସଂଘଠିତ ଗଣ୍ଡଗୋଳରେ ଯାଇଥିଲା ଦୁଇଜଣଙ୍କ ଜୀବନ। ଏହି ଘଟଣାକୁ ୬ଦିନ ବିତିଛି। ଏହି ଘଟଣାରେ ଗତ ସୋମବାର ଦେଓଗାଁ ଥାନା ପୋଲିସ ଏକ ମାମଲା(ନଂ ୨୧/୨୧) ରୁଜୁ କରି ୪ଜଣଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଛି। ହେଲେ ଉତ୍ତେଜନା ଆଶଙ୍କାରେ ପଡାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୂତୟନ ରହିଛନ୍ତି। ପ୍ରକାଶ ଯେ, ଜରାସିଂହା ହରିଜନପଡା ଆମ୍ବେଦକର ନଗରର ଶ୍ରୀପତି ଭେସ୍ରା ଓ ବାହାରପଡାର ଧନମତ ରାଉତ ପରିବାର ମଧ୍ୟରେ ୬ ଦିନତଳେ ପାଟିତୁଣ୍ଡ ହୋଇଥିଲା । ଅପରାହ୍ନରେ ଧନମତ ରାଉତ ଛେଳି ଚରାଇବା ପାଇଁ ଯାଇଥିବା ବେଳେ ସେଠାରେ ଶ୍ରୀପତିଙ୍କ ସହ ତାଙ୍କର ବଚସା ହୋଇଥିଲା । ଧନମତ ଉତ୍ତ୍ୟକ୍ତ ହୋଇ ଶ୍ରୀପତିଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଚିକିତ୍ସା ପାଇଁ ନେବା ବାଟରେ ଶ୍ରୀପତିଙ୍କ ମୃତ୍ୟୁ ଘଟିଥିଲା। ତେବେ ଉକ୍ତ ଦିନ ପ୍ରତିଶୋଧ ପରାୟଣ ହୋଇ ପଡାର କେତେକ ଲୋକ ଧନମତ ରାଉତଙ୍କ ଘରେ ପଶି ତାଙ୍କୁ ରଫାରେ ହାଣି ହତ୍ୟା କରିଥିଲେ।

## ପନ୍ଥେଇ ବୁଢ଼ୀ ଫୁଟ୍‌ବଲ: ସୋନପୁର ଚାମ୍ପିୟନ



ଅତିଥିଙ୍କ ସହ ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ ।

ଅମରପାଲି, ୨୮।୧(ଡି.ଏନ.ଏ.)

ବୀରମହାରାଜପୁର ଉପକଣ୍ଠ ଲାଡୁରପେଟ ଖେଳ ପଡିଆରେ ଚାଲିଥିବା ପନ୍ଥେଇ ବୁଢ଼ୀ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସୋନପୁର ଓ ଫୁଲବାଣୀ ମଧରେ ହୋଇଥିଲା। ଏଥିରେ ସୋନପୁର ଦଳ ୧–୦ ଗୋଲରେ ଫୁଲବାଣୀକୁ ହରାଇ ଚାମ୍ପିୟନ ହୋଇଥିଲା। କାହ୍ନୁଚରଣ ମହାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅର୍କେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, କ୍ରୀଡାବିତ୍ ଶୈଳରଞ୍ଜନ ବାଦୀ, ସୁରୁନାରାୟଣ ମହାକୁର, ସାରଥି କଲେତ, ଆମ୍ବା ଅଧକ୍ଷ ଆଲୋକ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ଅର୍ଥରାଶି ପୁରସ୍କୃତ କରିଥିଲେ।

## କୁଲିଆବାହାଲରେ ଶ୍ରୀରାମାଭିଷେକ ମହୋତ୍ସବ

ଦେଓଗାଁ, ୨୮।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ କୁଲିଆବାହାଲରେ ଶ୍ରୀରାମାଭିଷେକ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମାନସ ବିହାରଠାରେ ଗତ ନଅଦିନ ଧରି ଚାଲିଥିଲା ତୁଳସୀ ରାମାୟଣ ପାରାୟଣ ଓ ଶ୍ରୀରାମାଭିଷେକ ମହୋତ୍ସବ। ପୌଷପୂର୍ଣ୍ଣିମାରେ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ କରାଯାଇଥିଲା। ପରେ ଶ୍ରୀରାମଙ୍କୁ ଏକ ସୁସଜ୍ଜିତ ରଥରେ ଗ୍ରାମ ପରିକ୍ରମା କରାଯାଇଥିଲା। ମହୋତ୍ସବରେ କର୍ତ୍ତାଭାବେ ହଳଧର ସିଂ ଚିନ୍ଦା ଓ ତାଙ୍କ ସ୍ତ୍ରୀ ସବ୍ୟାରାଣୀ ସିଂ ଚିନ୍ଦା ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଭାପତି ସୋମନାଥ ମିର୍ଦ୍ଧା, ଛବିଲ ମୋହନ ସିଂ ଚିନ୍ଦା, ମନୋଜ ସିଂ ଚିନ୍ଦା, ଲଳିତ ମାଝି ତଥା ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## ମହାଦେବ ହୋତା ସ୍ମାରକୀ ଫୁଟବଲ: ବଡଟିକା, ଲୋଇସିଂହା ବିଜୟୀ

ଲୋଇସିଂହା,୨୮।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୁର୍ଜିଭଟା ଗ୍ରାମ ଖେଳ ପଡିଆରେ ମହାଦେବ ହୋତା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଆଇନଜୀବୀ ପ୍ରଦୀପ କୁମାର ତ୍ରିପାଠୀ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସମ୍ପତି ପଧାନ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିକାଶ ହୋତା ଓ ଶିରିଶ ହୋତାଙ୍କ ଆବାହକତ୍ୱରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଖେଳ ବଡଟିକା ଓ ବଲାଙ୍ଗୀର ଏକାଦଶ ମଧ୍ୟରେ ହୋଇଥିଲା। ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରରେ ବଡଟିକା ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ପୁରପାଲି ଓ ଲୋଇସିଂହା ମଧ୍ୟରେ ବରାବର ରହିବାରୁ ଟାଇବ୍ରେକରରେ ଲୋଇସିଂହା ବିଜୟୀ ହୋଇଥଲା।

## କିରାବାହାଲ କଲ୍ୟାଣ ମଣ୍ଡପର ଶିଳାନ୍ୟାସ



ବିଧାୟକ ନରସିଂହ ମିଶ୍ର କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରୁଛନ୍ତି।

ବଲାଙ୍ଗୀର ଅଫିସ,୨୮।୧

ବଲାଙ୍ଗୀର ସଦର ବ୍ଲକ କିରାବାହାଲଠାରେ ବିଧାୟକ ନରସିଂହ ମିଶ୍ର ଏକ କଲ୍ୟାଣ ମଣ୍ଡପର ଶଳାନ୍ୟାସ କରିଛନ୍ତି। ସଦର ବ୍ଲକ ଉପାଧକ୍ଷା ଯୋଶବନ୍ତି ବଘାର, ସରପଞ୍ଚ ରାନୀମା ପାତ୍ର, ଘାସିରାମ ବେହେରା, ଜିଲା ପରିଷଦ ସଦସ୍ୟ ଶ୍ରୀଧର ବାରିକ, ବିଧାୟକ ପ୍ରତିନିଧି କିଶୋର ସିଂ ନିନା, ସୁଶୀଳ ମହାକୁର, ଖୁଜେନପାଲି ସରପଞ୍ଚ ସତ୍ୟବାନ ସାହୁ, ରାମ ପ୍ରସାଦ ମିଶ୍ର, କନିଷ୍ଠ ଯନ୍ତ୍ରୀ ସସ୍ମିତା ମହାନ୍ତି, ପିଇଓ ଶ୍ୟାମମୋହନ ବରେଇ ଉପସ୍ଥିତ ଥିଲେ । ଭିତ୍ତିପ୍ରସ୍ତର ପରବର୍ତ୍ତୀ ସଭାରେ ବିଧାୟକ ମିଶ୍ରଙ୍କୁ ଗ୍ରାମବାସୀ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ଏଠାରେ ସୁକତେଲ ନଦୀ ଉପରେ ନିର୍ମାଣ ହେଉଥିବା ବ୍ରିଜ ଓ ବ୍ୟାରେଜ ଏହି ଅଞ୍ଚଳବାସୀଙ୍କ ପାଇଁ ବରଦାନ ସଦୃଶ ହେବ ବୋଲି କହିଥିଲେ।

## ବଲାଙ୍ଗୀର ସଦର ବ୍ଲକ ପକ୍ଷରୁ ଗାଁକୁ ଚାଲ ଅଭିଯାନ

ବଲାଙ୍ଗୀର ଅଫିସ, ୨୮।୧

ବଲାଙ୍ଗୀର ସଦର ବ୍ଲକ ପକ୍ଷରୁ ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ବ୍ଲକ ଅଧକ୍ଷ ଗୋଲାପ ବାଗ, ବିଡିଓ ବାସୁଦେବ ମହାପାତ୍ର ଓ ବିଭିନ୍ନ ବିଭାଗ ଅଧିକାରୀ ବୈଦିପାଲି ପଞ୍ଚାୟତର ବରଗାଁକୁ ଯାଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ଏହାର କାର୍ଯ୍ୟାନ୍ୱୟନ, ଯୋଜନା ସୁଫଳ ଓ ଜନସହଭାଗିତା ଉପରେ ଲୋକଙ୍କୁ ଅବଗତ କରିଥିଲେ। ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ହିତାଧିକାରୀ ବ୍ଲକ୍ ଅଫିସକୁ ଦୌଡି ଖର୍ଚ୍ଚାନ୍ତ ହେବା ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ତ୍ରୁଟିକୁ ଦୂର କରି ଲୋକଙ୍କୁ ଯୋଜନାର ସୁଫଳ ପାଇବାର ସରଳ ଉପାୟ ଜଣାଇବା ଲକ୍ଷ୍ୟ ରଖି ଏହି ଅଭିଯାନ ଆରମ୍ଭ କରାଯାଇଛି। ବରଗାଁରେ ପଞ୍ଚାୟତର ବିଭିନ୍ନ ଗାଁ ଲୋକେ ଅଧିକାରୀଙ୍କୁ ନିଜର ସମସ୍ୟା ଜଣାଇଥିଲେ । ସରପଞ୍ଚ ଲବ ବାଗ, ସମିତି ସଭ୍ୟ ସଞ୍ଜୁକ୍ତ ଛତ୍ରିଆ, ଜିଲା ପରିଷଦ ସଦସ୍ୟ ସତ୍ୟନାରାୟଣ ଭୋଇ, ଜିପିଓ ଦାମୋଦର ଦାସ ଉପସ୍ଥିତ ଥିଲେ।



ଜଣେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

## ଗରିବଙ୍କୁ ଅପହଞ୍ଚ ଭତ୍ତା, ଆବାସ ଗୃହ

ଅତାବିରା, ୨୮।୧ (ଡି.ଏନ.ଏ)

### ୧୦ ବର୍ଷ ତଳେ ଭାଙ୍ଗି ଯାଇଥିଲା ଘର

ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମର କ୍ଷେତ୍ର ସେଟ (୭୦)ଙ୍କୁ ଏବେ ଅପହଞ୍ଚ ହୋଇପଡିଛି ବାର୍ଦ୍ଧକ୍ୟ ଭତ୍ତା ଏବଂ ଆବାସ ଗୃହ। ଏ ସମ୍ପର୍କରେ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ ।

ସ୍ତ୍ରୀ ପଙ୍କଜିନୀ ସେଠ (୬୫), ପୁଅ ଗୋପବନ୍ଧୁ (୨୬), ଝିଅ ତପସ୍ୱିନୀ (୨୨)କୁ ନେଇ କ୍ଷେତ୍ରଙ୍କ ସଂସାର। ଦୀର୍ଘ ୧୦ ବର୍ଷ ହେଲା ତାଙ୍କ ମାଟି ଘର ଲଗାଣ ବର୍ଷାରେ ଭାଙ୍ଗି ଯାଇଥିଲା। ଭଙ୍ଗା ଦଦରା ଘର ଉପରେ ତାରପୋଲିନ ପକାଇ ଏହି ପରିବାର ଲୋକେ ଜୀବନ ଅତିବାହିତ କରୁଥିଲେ ମଧ ତାଙ୍କୁ ଆବାସ ଯୋଜନାରେ ଗୃହ ମିଳିପାରିନାହିଁ। ଏଥିପାଇଁ ପଞ୍ଚାୟତକୁ ବାରମ୍ବାର ଧାଁଧପଡ କଲେ ମଧ କେହି ଶୁଣୁନାହାନ୍ତି। ସେହିପରି ଏହି ବୃଦ୍ଧାବୃଦ୍ଧଙ୍କୁ ଏଯାଏ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ଏ ସମ୍ପର୍କରେ ସରପଞ୍ଚ ସର୍ମିଷ୍ଠା ସାହୁଙ୍କୁ ପଚରାଯିବାରୁ ଉକ୍ତ ପରିବାରକୁ ଆବାସ ଗୃହ ଓ ଭତ୍ତା ଯୋଗାଇ ଦିଆଯିବ ବୋଲି କହିଥିଲେ।



ଉଦେପୁର ଗାଁର କ୍ଷେତ୍ର ସେଠ ଓ ତାଙ୍କ ପରିବାର ।

## ବେଆଇନ ମାଟି କାମ ବେଳେ ବନ ବିଭାଗର ଚଢ଼ାଉ

ଅମରପାଲି,୨୮।୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ ସେରେଗେଡା ବିଟର ବୁଟୁଖମନ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ବେଆଇନ ଭାବେ ଜଙ୍ଗଲ ସଫା କରି ମାଟିକାମ କରୁଥିବା ଅଭିଯୋଗରେ ୬ ଜଣଙ୍କୁ ଅଟକ ରଖାଯାଇଛି । ଚଢ଼ାଉ ବେଳେ ଗୋଟିଏ ଜେସିବି, ୩ ଟ୍ରାକ୍ଟର ଜବତ ହୋଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ବନାଞ୍ଚଳ ଅଧିକାରୀ ଅବିନାଶ ବରିହା ପ୍ରକାଶ କରିଛନ୍ତି । ବୁଧବାର ଉକ୍ତ ସଂରକ୍ଷିତ ଜଙ୍ଗଲରେ ଜଣେ ବ୍ୟକ୍ତି ଜେସିବି ଓ ଟ୍ରାକ୍ଟର ଆଣି ଫାର୍ମପଣ୍ଡ ଓ ମାଟିକାମ କରାଉଥିଲେ। ଖବର ପାଇ ଡିଏଫଓ ସୁଶାନ୍ତ ସାମନ୍ତରାୟ, ଏସିଏଫ ପ୍ରଫୁଲ୍ଲ କୁମାର ଧରୁଆ, ରେଞ୍ଜ ଅଧିକାରୀ ଅବିନାଶ ବରିହା, ବନପାଳ ଲିଙ୍ଗରାଜ ନାଏକ, ବନରକ୍ଷୀ ପ୍ରବୀଣ କୁମାର ରଥଙ୍କ ସମେତ ବନ କର୍ମଚାରୀ ଚଢ଼ାଉ କରିଥିଲେ।